ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.146 Bhubaneswar Sunday July 24 2022 | ୨୫ତମ ବର୍ଷ ସଂଖ୍ୟା-୧୪୬ ଭୁବନେଶ୍ୱର, ରବିବାର, ଜୁଲାଇ ୨୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ରାସ୍ତା ଉପରେ ହିରୋ ହିରୋଇନ୍‌ଙ୍କ ହାଇ ଭୋଲଟେଜ୍ ଡ୍ରାମା




ଭୁବନେଶ୍ୱର, ୨୩।୭(ପି.ଏନ): ଓଲିଉଡ୍ ର ଲୋକପ୍ରିୟ ନାୟକ ବାବୁସାନ୍ ଙ୍କ ଘର କଳି ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ନାୟକ ବାବୁସାନ୍ ଓ ନାୟିକା ପ୍ରକୃତି ମିଶ୍ର ଏକାଠି ଯାଉଥିବା ବେଳେ ନାୟକଙ୍କ ପତ୍ନୀ ତୃପ୍ତି ସେମାନଙ୍କୁ ଅଟକାଇବା ସହ ମାଡ ମାରିଥିବାର ଅଭିଯୋଗ ହୋଇଛି। ଏହି ସମୟର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଘଟଣା ପରେ ପ୍ରକୃତି ତୃପ୍ତି ଓ ତାଙ୍କ ବାପା ତାଙ୍କୁ ଗୁଣ୍ଡା ଲଗାଇ ମାଡ ମାରିଥିବା ଅଭିଯୋଗ କରିବା ସହ ଲିଗାଲ ଆକ୍ସନ ନେବେ ବୋଲି କହିଛନ୍ତି। ସେହିପରି ପ୍ରକୃତିଙ୍କ ବାପା ମା ଖାରବେଳ ନଗର ଥାନାରେ ଏନେଇ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ବାବୁସାନ୍ କହିଛନ୍ତି ଯାହା ହୋଇଛି ଠିକ୍ ହୋଇନି। ସେ ଓ ପ୍ରକୃତି ଭଲ ସାଙ୍ଗ। ସେମାନେ ଫିଲ୍ମ କାମରେ ଯାଉଥିବା ବେଳେ ପତ୍ନୀ ଓ ଶ୍ୱଶୁର ଆଟାକ୍ କରିଥିବା ସେ କହିଛନ୍ତି। ଏହାପରେ ଅପରାହ୍ନରେ ବାବୁସାନ୍ ଙ୍କ ମା ତଥା ବରିଷ୍ଠ ଅଭିନେତ୍ରୀ ଅପରାଜିତା ମହାନ୍ତି ତୃପ୍ତି ରହୁଥିବା ତାଙ୍କ ବାପାଙ୍କ ଘରେ ପହଂଚି ଆଲୋଚନା କରିବା ପରେ ପ୍ରକୃତିଙ୍କ ବିରୋଧରେ ବୋହୂଙ୍କୁ ନେଇ ଥାନାରେ ଏତଲା ଦେଇଛନ୍ତି। ବାବୁସାନ୍ ଏବଂ ପ୍ରକୃତି ମିଶ୍ର ଘଟଣାରେ ଥାନାରେ ଦୁଇ ପକ୍ଷରୁ ମାମଲା ରୁଜୁ ହୋଇଛି । ମଧ୍ୟାହ୍ନ ସମୟରେ ଖାରବେଳ ଥାନାରେ ପ୍ରକୃତି ମିଶ୍ରଙ୍କ ମା ବାବୁସାନଙ୍କ ପତ୍ନୀ ତୃପ୍ତିଙ୍କ ବିରୋଧରେ ଏଫ୍ଆଇଆର ଦାୟର କରିଥିବା ବେଳେ ସନ୍ଧ୍ୟା ସମୟରେ ଥାନାରେ ବୋହୂଙ୍କ ସହ ପହଂଚିଥିଲେ ଅପରାଜିତା ମହାନ୍ତି । ସେ ମଧ୍ୟ ଥାନାରେ ମାମଲା ଦାୟର କରିଛନ୍ତି । ତୃପ୍ତି ତାଙ୍କ ଏଫଆଇଆରରେ ଉଲ୍ଲେଖ କରିଛନ୍ତି ପ୍ରକୃତିଙ୍କ ଯୋଗୁଁ ଆମ ଦାମ୍ପତ୍ୟ ଜୀବନରେ ଝଡ଼ ହୋଇଛି। କୋଭିଡ ଯୋଗୁଁ ପ୍ରକୃତିଙ୍କ କ୍ୟାରିଅର ପ୍ରଭାବିତ ହୋଇଛି, ପ୍ରକୃତି ବାବୁସାନଙ୍କ ଉପରେ ଟଙ୍କା ପାଇଁ ନିର୍ଭର କରୁଛନ୍ତି। ପ୍ରକୃତି ବାବୁସାନଙ୍କୁ ଗଞ୍ଜେଇ ଏବଂ ମଦ ଯୋଗାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଶନିବାର ସକାଳେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ସେଥିରେ ବାବୁସାନ୍ ଓ ପ୍ରକୃତି ମିଶ୍ର ଗୋଟିଏ ଫର୍ଚ୍ୟୁନର ଗାଡ଼ିରେ ଏକାଠି ସକାଳୁ ସକାଳୁ ଭୁବନେଶ୍ୱରର ସତ୍ୟ ନଗର ଅଂଚଳରେ ଯାଉଥିବା ବେଳେ ବାବୁସାନଙ୍କ ପତ୍ନୀ ତୃପ୍ତି ସେମାନଙ୍କୁ ଅଟକାଇଛନ୍ତି । ଏହାପରେ ସେ ବାବୁସାନଙ୍କୁ ଗାଡ଼ିରୁ ବାହାରକୁ ଆସିବା ଲାଗି ବାଧ କରିବା ସହ ତାଙ୍କୁ ଟଣାଓଟରା କରିଛନ୍ତି। ଏହାପରେ ତୃପ୍ତି ଗାଡ଼ି ଭିତରେ ପଶି ପ୍ରକୃତିଙ୍କୁ ଟଣାଓଟରା କରିଛନ୍ତି। ପରେ ପ୍ରକୃତି ଗାଡ଼ିରୁ ବାହାରି ସେଠାରୁ ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ବାବୁସାନଙ୍କ ପତ୍ନୀ ତାଙ୍କୁ ମାଡ଼ ମାରିଥିବାର ଦେଖିବାକୁ ମିଳିଛି। ବାବୁସାନଙ୍କ ପତ୍ନୀ ତୃପ୍ତି ଅଭିଯୋଗ କରିଛନ୍ତି ଯେ ପ୍ରକୃତି ତାଙ୍କ ଘରଭାଙ୍ଗି ଦେଇଛନ୍ତି। ଘଟଣା ସଂପର୍କରେ ବାବୁସାନ କହିଛନ୍ତି, ପ୍ରକୃତି ପିଲା ବେଳୁ ମୋ ଭଲ ସାଙ୍ଗ। ମୋ ପତ୍ନୀ ଫିଲ୍ମ ଲାଇନ୍ ର ନୁହନ୍ତି। ତେଣୁ ସେ ବୁଝି ପାରୁ ନାହାନ୍ତି ମୋ କାମ କ'ଣ । ମୁଁ ଫିଲ୍ମ ଇଣ୍ଡଷ୍ଟ୍ରୀରେ କାମ କରେ । ମୋତେ ବହୁ ଝିଅଙ୍କ ସହ କାମ କରିବାକୁ ପଡ଼ିଥାଏ। ହେଲେ ମୋ ପତ୍ନୀ ଏହା ବୁଝିବାକୁ ପ୍ରସ୍ତୁତ ନୁହନ୍ତି। ଆମେ ଏକ ଫିଲ୍ମର ପ୍ରମୋସନ ପାଇଁ ଯାଉଥିଲୁ । ମୁଁ ଜାଣିଛି ମୁଁ ଠିକ୍ ଅଛି। ମୋ ପତ୍ନୀଙ୍କ ଉପରେ ମୋର କୌଣସି ରାଗ ନାହିଁ। ଏନେଇ ମୁଁ ଆଇନର ଦ୍ୱାରସ୍ଥ ହେବିନି । ସେହିଭଳି ପ୍ରକୃତି କହିଛନ୍ତି, ମୁଁ ଜଣେ କଳାକାର । କାମ କରିବାକୁ ବାହାରିଥିଲି। ଆମେ ଏକ ନୂଆ ମୁଭିର ଘୋଷଣା କରିବାକୁ ଯାଉଥିଲୁ। ବାବୁଶାନଙ୍କ ପତ୍ନୀ ଓ ତାଙ୍କ ବାପା ବହୁତ ଗୁଣ୍ଡାଙ୍କ ସହ ପହଂଚି ପ୍ରଥମେ ବାବୁସାନଙ୍କ ସାର୍ଟ ଟାଣିଲେ। ତାଙ୍କ ବାପା ମୋତେ ଟଣାଓଟରା କରି ଅସଦାଚରଣ କରିଛନ୍ତି। ମାନସିକ ଭାବେ ମୁଁ ଖୁବ୍ ଆଘାତ ପାଇଛି। ଘଟଣାକୁ ନେଇ ପ୍ରକୃତିଙ୍କ ବାପାମା' ଖାରବେଳନଗର ଥାନାରେ ପହଂଚି ଅଭିଯୋଗ କରିଛନ୍ତି। ଝିଅର ମାନହାନୀ ହୋଇଥିବା ଅଭିଯୋଗ କରିଛନ୍ତି ପ୍ରକୃତିଙ୍କ ବାପାମା'। ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର କହିଛନ୍ତି, ଲଳିତ ଶତପଥୀ ନାମକ ବ୍ୟକ୍ତିଙ୍କ ନାଁରେ ଥାନାରେ ଏତଲା କରିଛି। ଲଳିତ ଶତପଥୀ ତାଙ୍କ ଝିଅ ଓ ଗୁଣ୍ଡାଙ୍କୁ ଧରି ଆକ୍ରମଣ କରିଛନ୍ତି। ସେମାନେ ମୋ ଝିଅକୁ ଫିଜିକାଲି ଆସଲ୍ଟ କରିଛନ୍ତି। ମୋ ଝିଅକୁ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ମୋ ପରିବାରକୁ ସ୍ମାସ୍ କରିଦେବାର ଧମକ ଦିଆଯାଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା କରୁଛି। ଚେନ୍ନାଇରୁ ଫେରିଲା ପରେ ପ୍ରକୃତି ମାନହାନୀ ମାମଲା କରିବ। ସେପଟେ ଏତେ ସବୁ ଘଟଣା ପରେ ମୁହଁ ଖୋଲିଛନ୍ତି ବାବୁସାନଙ୍କ ବାପା ତଥା ଓଲିଉଡର ସୁପରଷ୍ଟାର ଉତ୍ତମ ମହାନ୍ତି। ସେ କହିଛନ୍ତି, ମୋ ବୋହୂ ତୃପ୍ତି ବହୁତ ଭଲ। ବାବୁସାନ ଓ ତୃପ୍ତି ପରସ୍ପରକୁ ବହୁତ ଭଲ ପାଆନ୍ତି। ପ୍ରକୃତି ସହ ସମ୍ପର୍କକୁ ନେଇ ତୃପ୍ତି ପାଖରେ ପ୍ରମାଣ ଥାଇ ପାରେ। ତୃପ୍ତି ବହୁତ ଭଲ ଛାତ୍ରୀ, ଅଭିନୟ ସହ କୌଣସି ସମ୍ପର୍କ ନାହିଁ। ଚଳଚ୍ଚିତ୍ରର ରୋମାଂଟିକ୍ ଦୃଶ୍ୟ ଆଦିକୁ ସେ ଭଲ ପାଏ ନାହିଁ। ବାବୁସାନଙ୍କୁ ଅନେକ ଥର ବୁଝାଇବାକୁ ଚେଷ୍ଟା କରିଛି। ଆପଣା ସୁନା ତ ଭେଣ୍ଡି, କାହାକୁ କହିବା। ସେ ଆହୁରି କହିଛନ୍ତି, "ମୁଁ ବାବୁକୁ ଅନେକ ଥର ବୁଝାଇଛି, ପ୍ରକୃତିକୁ ଛାଡ଼ି ଦେବାକୁ କହିଛି। ବାବୁ ମୋତେ କହିଥିଲା ସେ ମୁମ୍ବାଇ ଚାଲିଯିବ, ମୁଁ ଏଠି କାମ କରିବି।

## ରାଷ୍ଟ୍ରପତି ଭାବେ କଣ ରହିବ ଦ୍ରୌପଦୀ ମୁର୍ମୁଙ୍କ କ୍ଷମତା



ନୂଆଦିଲ୍ଲୀ, ୨୩।୭(ପି.ଏନ): ସୋମବାର ଦିନ ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ପଦ ଓ ଗୋପନୀୟତାର ଶପଥ ନେବେ ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ। ତେବେ ରାଷ୍ଟ୍ରପତି ଭାବେ କଣ ରହିବ ତାଙ୍କର କ୍ଷମତା ଓ ଅଧିକାର ? ତେବେ ତାଙ୍କୁ କେଉଁ ସବୁ ସୁବିଧା ସୁଯୋଗ ମିଳିବ ଜାଣନ୍ତୁ। ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିନକ ପରେ ଶପଥ ନେଇ ନେଇ ହେବେ ଦେଶର ନୂଆ ମୁଖିଆ। ବହୁ କ୍ଷମତାର ଅଧିକାରୀ ରାଷ୍ଟ୍ରପତି ଭାବେ ସେ ହେବେ ଭାରତୀୟ ସୁରକ୍ଷା ବାହିନୀର କମାଣ୍ଡର-ଇନ୍-ଚିଫ୍ । ତାଙ୍କ ପାଖରେ ରହିବ କୌଣସି ଦୋଷୀ ସାବ୍ୟସ୍ତ ବ୍ୟକ୍ତିର ଦଣ୍ଡକୁ କ୍ଷମା କରିବା, କମାଇ ଦେବା ବା ବାତିଲ କରିବା, ଏମିତିକି ମୃତ୍ୟୁ ଦଣ୍ଡ ଉପରେ ନିଷ୍ପତ୍ତି ନେବାର ଅଧିକାର ରହିବ। ଭାରତର ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି, ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟପାଳ, ନିର୍ବାଚନ କମିଶନରଙ୍କୁ ବି ରାଷ୍ଟ୍ରପତି ଭାବେ ନିଯୁକ୍ତି ଦେବେ ଦ୍ରୌପଦୀ । ଯୁଦ୍ଧ, ବାହ୍ୟ ଆକ୍ରମଣ କିମ୍ବା ସଶସ୍ତ୍ର ବିଦ୍ରୋହ ଭଳି ସ୍ଥିତିରେ ଦେଶରେ ଜରୁରୀକାଳୀନ ସ୍ଥିତି ଏବଂ କୌଣସି ରାଜ୍ୟରେ ଆର୍ଥିକ କିମ୍ବା ସାମ୍ବିଧାନିକ ସଂକଟ କ୍ଷେତ୍ରରେ ଜରୁରୀ ପରିସ୍ଥିତି ବି ଲାଗୁ କରିପାରିବେ । ସମସ୍ତ ଆନ୍ତର୍ଜାତିକ ବୁଝାମଣାପତ୍ର ଓ ଚୁକ୍ତି ରାଷ୍ଟ୍ରପତିଙ୍କ ନାଁରେ ହିଁ ହେବ । ସଂସଦର ଉଭୟ ଗୃହରେ ପାରିତ କୌଣସି ବିଲ୍ ତାଙ୍କ ସ୍ୱୀକୃତି ପରେ ହିଁ ଆଇନରେ ପରିଣତ ହେବ। ଏମିତିକି ରାଷ୍ଟ୍ରପତି ଭାବେ ସେ ଚାହିଁଲେ, କୌଣସି ବିଲକୁ କିଛି ସମୟ ପାଇଁ ଅଟକାଇ ରଖିପାରିବେ ବା ଏହା ଉପରେ ପୁନର୍ବିଚାର ଲାଗି ସଂସଦକୁ ଫେରାଇ ଦେଇପାରିବେ । ଏହା ହେଉଛି ଭାରତର ରାଷ୍ଟ୍ରପତିଙ୍କ ଭିଟୋ କ୍ଷମତା। ଯାହାକି ବିଶ୍ୱର କୌଣସି ଗଣତାନ୍ତ୍ରିକ ରାଷ୍ଟ୍ର ପାଖରେ ନାହିଁ। ଏହାଛଡ଼ା ଯଦି ଲୋକସଭା ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳି ନ ଥାଏ, ଏଭଳି କ୍ଷେତ୍ରରେ ରାଷ୍ଟ୍ରପତି ନିଜ ବିବେକ ଅନୁସାରେ କୌଣସି ଦଳକୁ ସରକାର ଗଠନ ଲାଗି ଆମନ୍ତ୍ରଣ କରିପାରିବେ। ଶପଥ ନେବା ପରେ ଦେଶର ପ୍ରଥମ ନାଗରିକ ଭାବେ ଦ୍ରୌପଦୀଙ୍କୁ ମିଳିବ ବହୁ ସୁବିଧା ସୁଯୋଗ । ମାସିକ ପାଖାପାଖି ୫ ଲକ୍ଷ ଟଙ୍କାର ଟିକସ ମୁକ୍ତ ବେତନ, ବିଭିନ୍ନ ପ୍ରକାର ଭତ୍ତା ଦୁନିଆର କୌଣସି ବି ସ୍ଥାନକୁ ମାଗଣା ଯାତ୍ରାର ସୁବିଧା ମିଳିବ । ରହିବା ପାଇଁ ରାଇସିନା ହିଲରେ ୨ ଲକ୍ଷ ବର୍ଗଫୁଟ ଅଞ୍ଚଳ ପରିବ୍ୟାପ୍ତ ୩୪୦ ରୁମ୍ ବିଶିଷ୍ଟ ରାଷ୍ଟ୍ରପତି ଭବନ । ଯାହାର ଦେଖାଶୁଣା କରିବାକୁ ହରଦମ୍ ଲାଗି ରହିବେ ୨ଶହ କର୍ମଚାରୀ । ଅବକାଶ ନେବାକୁ ଚାହିଁଲେ ରହିଛି ହାଇଦ୍ରାବାଦର ରାଷ୍ଟ୍ରପତି ନିଳୟମ ଓ ସିମ୍ଲାର ରିଟ୍ରିଟ୍ ବିଲ୍ଡିଂ ନାମକ ଦୁଇଟି ଶାନଦାର୍ ହଲିଡେ଼ ରିଟ୍ରିଟ୍ । ଏଥିସହ ଯାତାୟତ ପାଇଁ ରହିଛି କଷ୍ଟମାଇଜ୍ଡ ମର୍ସିଡିଜ୍ ବେଞ୍ଜ ଏସ୍ ୬୦୦। କେବଳ ସେତିକି ନୁହେଁ ଅବସର ପରେ ରାଷ୍ଟ୍ରପତିଙ୍କୁ ମାସିକ ଦେଢ଼ ଲକ୍ଷ ଟଙ୍କା ପେନ୍‌ସନ୍ ଓ କର୍ମଚାରୀଙ୍କ ଖର୍ଚ୍ଚ ନିମନ୍ତେ ଅତିରିକ୍ତ ୬୦ ହଜାର ଟଙ୍କା, ରହିବା ପାଇଁ ଟାଇପ୍ ଏଇଟ୍ ବାସଗୃହ, ଜୀବନ ସାରା ମାଗଣା ମେଡିକାଲ ସେବା ଏବଂ ଜଣେ ସହଯୋଗୀଙ୍କ ସହ ଟ୍ରେନ୍ ଓ ବିମାନରେ ମାଗଣାରେ ଯାତ୍ରାର ବି ସୁବିଧା ମିଳିବ । ସ୍ୱାଧୀନତାର ୭୫ ବର୍ଷ ପରେ ଜଣେ ଆଦିବାସୀ ମହିଳା ତଥା ଓଡିଆ ରାଷ୍ଟ୍ରମୁଖ୍ୟ ହେବେ ଦ୍ରୌପଦୀ ମୁର୍ମୁ । ଆଉ ତାଙ୍କ ନାଁରେ ଚାଲିବ ଭାରତ ଶାସନ।

### କଂଗ୍ରେସର ସତ୍ୟାଗ୍ରହ ୨୬ରେ

ଭୁବନେଶ୍ୱର, ୨୩।୭(ପି.ଏନ): ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ସତ୍ୟାଗ୍ରହ କରାଯିବ। ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଦଳର ସାଂସଦ , ବିଧାୟକ , ରାଜ୍ୟସ୍ତରୀୟ ନେତୃବୃନ୍ଦ. ପୂର୍ବତନ ସାଂସଦଙ୍କ ସମେତ ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ପଦାଧିକାରୀ ଅଂଶଗ୍ରହଣ କରିବେ। ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ଅଭିଯୋଗ କରିଛି ଯେ ନ୍ୟାସନାଲ ହେରାଲ୍ଡ ଖବର କାଗଜ ମାମଲାରେ ଭାରତ ସରକାରଙ୍କର ପ୍ରବର୍ତନ ନିର୍ଦ୍ଦେଶାଳୟ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ଇଙ୍ଗିତରେ ପରିଚାଳିତ ହେଉଛି।

## ଡାକ୍ତର, ନର୍ସଙ୍କ ବଦଳରେ ସିକ୍ୟୁରିଟି ଗାର୍ଡ କରୁଛନ୍ତି ରୋଗୀ ସେବା

କନ୍ଧମାଳ, ୨୩।୭(ପି.ଏନ): ସରକାର ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲାଗି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି ହେଲେ ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟଙ୍କ ଦେଖାମିଳୁନି । ଫଳରେ ସିକ୍ୟୁରିଟି ଗାର୍ଡ କରୁଛନ୍ତି ରୋଗୀସେବା। ଏଭଳି ସ୍ଥିତିରେ ରୋଗୀ କିଭଳି ସ୍ୱାସ୍ଥ୍ୟ ସେବା ପାଉଥିବେ ତାହା ସ୍ପଷ୍ଟ ଅନୁମେୟ। ଏଭଳି ଅଭାବନିୟ ଦୃଶ୍ୟ ଦେଖିବାକୁ ମିଳିଛି ଫୁଲବାଣୀ ସଦର ମହକୁମା ମୁଖ୍ୟ ଡାକ୍ତରଖାନାରେ। ସଦର ମହକୁମା ଡାକ୍ତରଖାନାରେ ଫୁଲବାଣୀର ନାରାୟଣୀ ରୋଡର ଦିବାକର ମହାନନ୍ଦିଆ ନାମକ ଜଣେ୍ୱକ୍ତି ଗୁରୁତର ଅସୁସ୍ଥ ଅବସ୍ଥାରେ ଚିକିତ୍ସା ପାଇଁ ସଦର ମହକୁମା ଡାକ୍ତରଖାନାରେ ଭର୍ତି ହୋଇଥିଲେ । ତାଙ୍କୁ ମେଡ଼ିସିନ ବିଭାଗ ପୁରୁଷ ୱାର୍ଡର ୧୪୦ ନମ୍ବର ବେଡ଼ରେ ଜଏନ ହେବା ପରେ ସାଲାଇନ ଲଗାଯାଇଥିଲା। ସାଲାଇନ ସରିଲା ହେଲେ ନର୍ସଙ୍କ ଦେଖା ମିଳିଲାନି, ସିକ୍ୟୁରିଟି ଗାର୍ଡ ଆସି ଶେଷରେ ରୋଗୀଙ୍କ ସାଲାଇନ ଖୋଲିଥିଲେ। ଯାହାକି ଚିତ୍ର ବୟାନ କରୁଛି। ଏନେଇ ଅଭିଯୋଗ କଲେ ଶୁଣିବାକୁ କିଏ ନାହିଁ । ନିକଟରେ ବାରୀକୁମ୍ପା ଡାକ୍ତରଖାନାରେ ରୋଗୀଙ୍କୁ ମେଡ଼ିସିନ ନଦେଇ ନିକଟସ୍ଥ ପରିତ୍ୟକ୍ତ କୂଅରେ ଫୋପାଡ଼ି ଦେଇଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ସଦର ମହକୁମା ଡାକ୍ତରଖାନାରେ ଯଦି ଏଭଳି ଅବସ୍ଥା ତେବେ ଗ୍ରାମାଂଚଳରେ କିଭଳି ସ୍ୱାସ୍ଥ୍ୟ ସେବା ପାଉଥିବେ ତାହା ଏଥିରୁ ଜଣାପଡୁଛି । ତେବେ କାହିଁକି, କିଭଳି ଓ କେଉଁ ପରିସ୍ଥିତିରେ ଜଣେ ଅନଭିଜ୍ଞ ସିକ୍ୟୁରିଟି ଗାର୍ଡ ରୋଗୀ ସେବା କରୁଥିଲେ ତାହା ତଦନ୍ତ କଲେ ଜଣାପଡିବ ।

## ବିଚାର ବିଭାଗୀୟ ହାଜତରେ ଲାଂଚୁଆ ଡାକ୍ତର:ଭିଜିଲାନ୍ସ ଚଢ଼ଉ ଦ୍ୱିତୀୟ ଦିନରେ

ରାଉରକେଲା, ୨୩।୭(ପି.ଏନ): ଲାଂଚ ନେଉଥିବା ବେଳେ ଗତକାଲି ସୁନ୍ଦରଗଡ଼ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଥିବା ଗଇରବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସାରଦାପ୍ରଶନ୍ନ ବେହେରାଙ୍କୁ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ଗତକାଲି ଭିଜିଲାନ୍ସ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ ଡାକ୍ତରଙ୍କ କ୍ୱାଟର୍ସ ଓ ବାସଭବନରେ ଚଢ଼ଉ ଆରମ୍ଭ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ଚଢ଼ଉ ଜାରୀ ରହିଛି । ସେପଟେ ଡାକ୍ତରଙ୍କ ବ୍ୟାଙ୍କ ଆକାଉଂଟ ଗୁଡିକ ବାବଦରେ ଯାଂଚ୍ ଆରମ୍ଭ ହୋଇଛି । ତେବେ ଶନିବାର ଆଜି ବ୍ୟାଙ୍କ ହାଫ୍ ଡେ ଓ ଆସନ୍ତାକାଲି ରବିବାର ରହିଥିବା ବେଳେ ସମ୍ପ୍ରତି ଡାକ୍ତରଙ୍କ ଧର୍ମପତ୍ନୀ ଅନ୍ତଃସତ୍ୱା ରହିଛନ୍ତି । ତେଣୁ ବିଭାଗୀୟ ଅଧିକାରୀ ମାନେ ଏସବୁ ଦିଗକୁ ଆଖି ଆଗରେ ରଖି ତଦନ୍ତ ପ୍ରକ୍ରିୟା ଜାରୀ ରଖିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୧୭ ତାରିଖରେ ଯାତ୍ରୀ ନେଇ ଯାଉଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଅଟୋ ଡ୍ରାଇଭର ସୁଲେମାନ ଖାଲକୋ ଆହତ ଯାତ୍ରୀ ମାନଙ୍କୁ ନିଜର ଅନ୍ୟ ଏକ ଅଟୋରେ ନେଇ ଆୟୁଷ ଡାକ୍ତର ସାରଦାପ୍ରଶନ୍ନ ବେହେରାଙ୍କ କୁତ୍ରା ସ୍ଥିତ ସରକାରୀ ବାସଭବନରେ ପହଂଚି ଥିଲେ । ଏହି ସମୟରେ ତାଙ୍କୁ ସେଠାରୁ କୌଣସି ସହଯୋଗ ମିଳିନଥିଲା । ପରେ ସେ ରାଜଗାଙ୍ଗପୁରର ଜଣେ ଡାକ୍ତରଙ୍କ ପାଖରେ ପହଂଚି ଔଷଧପତ୍ର ନେଇ ଆୟୁଷ ଡାକ୍ତରଙ୍କ ନିକଟରେ ପହଂଚିଥିଲେ । ତେବେ ସେଠାରେ ଆୟୁଷ ଡାକ୍ତର ଶ୍ରୀ ବେହେରା ଦୁର୍ଘଟଣାଗ୍ରସ୍ତ ଅଟୋ ଚାଳକ ଓ ଲୋକଙ୍କୁ ସରକାରୀ ଭାବେ କୌଣସି ଔଷଧ ପତ୍ର ନଦେଇ ଚାଳକଙ୍କୁ ଓଲଟା ଧମକାଇଥିଲେ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇବି କି ?, ପୋଲିସ ଜାଣିଲେ ତୋର ଲାଇସେନ୍ସ ବାତିଲ୍ ହେବ ଓ ଗାଡି ଜବତ ହେବା ସହ ଗିରଫ ହେବୁ ଏବଂ ମାମଲାକୁ ରଫାଦଫା କରିବା ପାଇଁ ୧୫ ହଜାର ଟଙ୍କା ଲାଂଚ ମାଗିଥିଲେ । ତେବେ ଅଟୋଚାଳକ ସୁଲେମାନ ଆୟୁଷ ଡାକ୍ତର ଶ୍ରୀ ବେହେରାଙ୍କୁ ୧୨ ହଜାର ଦେବାକୁ ରାଜି ହେବା ସହ ୮ ହଜାର ଟଙ୍କା ଅଗ୍ରୀମ ଦେଇ ୪ ହଜାର ପରେ ଦେବାକୁ କହି ଘରକୁ ଫେରିଥିଲେ । ପରେ ଡାକ୍ତର ବାବୁ ସୁଲେମାନଙ୍କୁ ୪ ହଜାର ଟଙ୍କା ପାଇଁ ବାରମ୍ବାର ଫୋନ୍ କରିଥିବା ସୁଲେମାନ ଭିଜିଲାନ୍ସ ନିକଟରେ କହିଛନ୍ତି । ଗତକାଲି ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ନିଜ ସରକାରୀ ବାସଭବନରେ ଅଟୋ ଚାଳକ ସୁଲେମାନ ଠାରୁ ଡାକ୍ତର ଶ୍ରୀ ବେହେରା ବକେୟା ୪ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ।

## ନବୀନଙ୍କୁ ମହଙ୍ଗା ପଡୁଛି ବିଜେପି ପ୍ରେମ, ଭାବମୂର୍ତ୍ତିରେ ଲାଗିଲା ଦାଗ



ଭୁବନେଶ୍ୱର, ୨୩।୭(ପି.ଏନ): ଦୀର୍ଘ ୨୫ବର୍ଷର ରାଜନୀତିକ କ୍ୟାରିୟରରେ ଏକ ସୁଦୃ ? ଓ ସଫଳ ଆଂଚଳିକ ଦଳ 'ବିଜେଡି'ର ନେତୃତ୍ୱ ନେଉଥିବା ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତିରେ ଲାଗିଛି ଦାଗ । ଜାତୀୟ ରାଜନୀତି ତଥା ଦିଲ୍ଲୀ ଦରବାରରେ ନିଜର ଭାବମୂର୍ତ୍ତିକୁ ସଜାଡିବା ପାଇଁ ସର୍ବଦା ସଜାଗ ରହୁଥିବା ଶ୍ରୀ ପଟ୍ଟନାୟକ ଗତ କିଛିବର୍ଷ ଧରି ବିଜେପିକୁ ସୁହାଇବା ଭଳି ନିଷ୍ପତ୍ତି ନେଉଥିବାରୁ ତାଙ୍କୁ ତୃଣମୂଳ କଂଗ୍ରେସ ସିଧାସଳଖ କଡା ସମାଲୋଚନା କରିଛି । ନବୀନ ପଟ୍ଟନାୟକଙ୍କ ବିଜେଡି ହେଉଛି ବିଜେପିର ଆନୁଷ୍ଠାନିକ ସହଯୋଗୀ ବୋଲି ତୃଣମୂଳ କଂଗ୍ରେସ କହିବାକୁ ପଛାଇ ନାହିଁ । ୨୦୧୯ ସାଧାରଣ ନିର୍ବାଚନ ପରେ ଜାତୀୟସ୍ତରରେ ପ୍ରଥମଥର ପାଇଁ ଓଡିଶା ବାହାରେ ନବୀନଙ୍କୁ ନିଜର ନିଷ୍ପତ୍ତି (ବିଜେପିର ନିକଟତର ହେବା) ନିମନ୍ତେ କଡା ସମାଲୋଚନାର ଶିକାର ହେବାକୁ ପଡିଛି । ଆଉ ନବୀନଙ୍କ ସୁବିଧାବାଦୀ ସମଦୂରତ୍ୱ ନୀତି ମଧ୍ୟ ପଦାରେ ପଡିଛି । ରାଜ୍ୟସଭାରେ ତୃଣମୂଳ କଂଗ୍ରେସର ନେତା ଡେରେକ ଓ ବ୍ରାୟନ୍ ଶୁକ୍ରବାର ରାତିରେ 'ଏନଡିଟିଭି'ର ଏକ କାର୍ଯ୍ୟକ୍ରମରେ ଆଂଚଳିକ ଦଳ ବିଜେଡି ଓ ତା'ର ନେତା ନବୀନ ପଟ୍ଟନାୟକଙ୍କୁ ତାଙ୍କର ସୁବିଧାବାଦୀ ରାଜନୀତି ପାଇଁ କଡା ସମାଲୋଚନା କରିଛନ୍ତି । ତୃଣମୂଳ କଂଗ୍ରେସ ସାଂସଦ ଶ୍ରୀ ବ୍ରାୟନ୍ କହିଛନ୍ତି ଯେ," ନବୀନ ପଟ୍ଟନାୟକ ଓ ତାଙ୍କ ବିଜେଡି ହେଉଛନ୍ତି ବିଜେପିର କଟ୍ଟର ଓ ବିଭାଜନକାରୀ ଏଜେଣ୍ଡାକୁ କାର୍ଯ୍ୟକାରୀ କରିବାରେ ଭାରତରେ ଏକ ନମ୍ବର ରାଜନୀତିକ ଦଳ । ନବୀନ ପଟ୍ଟନାୟକଙ୍କ ବିଜେଡି ହେଉଛି ବିଜେପିର ଆନୁଷ୍ଠାନିକ ସହଯୋଗୀ । ନବୀନ ପଟ୍ଟନାୟକ ଇଟାଲୀର ଭାଟିକାନକୁ ଯାଇ ସୁନ୍ଦର ଫଟୋ ଉଠାଇଦେଲେ ଚଳିବ ନାହିଁ । ଯଦି ବାସ୍ତବରେ ବିଜେପି ସହ ଲ଼ିବାକୁ ଚାହୁଁଛନ୍ତି ତା'ହେଲେ ସଂସଦ ଭିତରେ ଓ ବାହାରେ ଲ଼ନ୍ତୁ" ବୋଲି ଶ୍ରୀ ବ୍ରାୟନ୍ କହିଛନ୍ତି । ଗତ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ସହ ତାଙ୍କ ପାଇଁ ଉପରେ ପଡି ପ୍ରଚାର କରିବା ଏବଂ ଏନଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ ଜଗଦୀପ ଧନକରଙ୍କୁ ସମର୍ଥନ ଘୋଷଣା ସହ ନିଜର ସାଂସଦଙ୍କୁ ପଠାଇ ପ୍ରାର୍ଥୀପତ୍ର ଦାଖଲବେଳେ ସମର୍ଥନ ଦେବାକୁ ନେଇ ଏବେ ଜାତୀୟ ରାଜନୀତିକ ମହଲରେ ବିଜେଡିର 'ସୁବିଧାବାଦୀ' ଓ 'ଦୋମୁହାଁ' ଚରିତ୍ର ପଦାକୁ ଆସିଛି । ରାଜନୀତିକ ବିଶ୍ଳେଷକଙ୍କ ମତରେ ଓଡିଶାର ମହିଳା ଭାବେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ ଦେବାର ଆଳ ବିଜେଡି ଦେଖାଇଛି । ଅବଶ୍ୟ ଆଂଚଳିକ ଦଳ ବିଜେଡି ପାଇଁ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ ଦେବା ବ୍ୟତୀତ ବିକଳ୍ପ କିଛି ନଥିଲା । କିନ୍ତୁ ଯେଉଁ ଢଙ୍ଗରେ ବିଜେଡି ସମର୍ଥନ ଦେଲା ଓ ପ୍ରଚାର କଲା ତାହା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିଜେପି ନେତୃତ୍ୱଙ୍କ ଘନିଷ୍ଠତାକୁ ପ୍ରମାଣିତ କରାଉଛି । ଜଗଦୀପ ଧନକରଙ୍କ ଭଳି ଜଣେ କଟ୍ଟର ବିଜେପି ନେତାଙ୍କୁ ବିଜେଡି କେଉଁ ଆଧାରରେ ସମର୍ଥନ ଦେଲା ତାହା ଏବେବି ଅସ୍ପଷ୍ଟ । କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ କରିଥିଲେ ତେଣୁ ଜଗଦୀପ ଧନକରଙ୍କୁ ବିଜେଡି ସମର୍ଥନ ଦେବ ବୋଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ । ଅବଶ୍ୟ ଏହି ବିଜେଡି ୨୦୧୭ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବା ବଦଳରେ ବିରୋଧୀ ଦଳଙ୍କ ପ୍ରାର୍ଥୀ ଗୋପାଳକୃଷ୍ଣ ଗାନ୍ଧୀଙ୍କୁ ସମର୍ଥନ ଦେଇ ନିଜର ରାଜନୀତିକ ଆଭିମୁଖ୍ୟ ଓ ସମଦୂରତ୍ୱ ନୀତିର ପ୍ରମାଣ ଦେଇଥିଲା । ଯଦିଓ ତା'ର ଠିକ୍ ପୂର୍ବରୁ ସେତେବେଳେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ବିଜେଡି ସମର୍ଥନ ଜଣାଇଥିଲା । ୨୦୧୭ ପରଠୁ ବିଜେଡି ନିଜର ସମଦୂରତ୍ୱ ନୀତି(ବିଜେପି ଓ କଂଗ୍ରେସଠୁ)ର ଆଳ ଦେଖାଇ କେବଳ ସୁବିଧାବାଦୀ ରାଜନୀତି କରୁଥିବା ଜଳଜଳ ହୋଇ ଦିଶୁଛି । ଆଉ ଓଡିଶାରେ ବିଜେପି ସହ ଲ଼ୁଥିବା ବିଜେଡି ଯେହେତୁ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଲ୍ ଓ ନିଷ୍ପତ୍ତିକୁ ବିଜେଡି ସମର୍ଥନ ଦେଇ ଆସୁଛି, ତେଣୁ ରାଜ୍ୟର ଭୋଟରଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି ହେବା ସ୍ୱାଭାବିକ । ବିଜେପି ଓ ବିଜେଡି ମଧ୍ୟରେ ଚାଲିଥିବା ଲୁଚାଛପା ମଧୁଚନ୍ଦ୍ରିକା ବି ପଦାରେ ପଡିଛି । ଆଉ ନବୀନଙ୍କ ସୁବିଧାବାଦୀ ନୀତି ଏବେ ଜାତୀୟସ୍ତରରେ ତାଙ୍କ ଭାବମୂର୍ତ୍ତିକୁ ମଧ୍ୟ ଧୂମିଳ କରିବାରେ ଲାଗିଛି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ, ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବା ପରଠୁ ହିଁ ବିଜେଡି ସମଦୂରତ୍ୱର ଆଳ ଦେଖାଇଛି ସତ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଓ ପ୍ରସଙ୍ଗରେ ସମର୍ଥନ ଦେଇ ଆସିଛି । ୨୦୧୫ରେ ଜିଏସଟି ବିଲ, ୨୦୧୬ରେ ବିମୁଦ୍ରାକରଣ, ୨୦୧୭ରେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ସମର୍ଥନ, ୨୦୧୮ ଜୁଲାଇ ୨୦ରେ ମୋଦି ସରକାର ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବବେଳେ ସଂସଦରୁ ନାଟକୀୟ ଢଙ୍ଗରେ କକ୍ଷତ୍ୟାଗ କରି ବିଜେଡି ସିଧାସଳଖ ନିଜର ଘନିଷ୍ଠତାର ପ୍ରମାଣ ଦେଇଥିଲା । ୨୦୧୮ ଅଗଷ୍ଟ ୮ରେ ବିଜେଡି ନିଜର ସମ୍ପର୍କକୁ ଆଉ ପାଦେ ଆଗେଇ ନେଇ ଏନଡିଏର ରାଜ୍ୟସଭା ଉପାଧ୍ୟକ୍ଷ ପ୍ରାର୍ଥୀ ହରିବଂଶ ନାରାୟଣ ସିଂଙ୍କୁ ସମର୍ଥନ ଦେଲା । ଆଉ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଓ ବିଜେପିର ସମ୍ପର୍କର ଘନିଷ୍ଠତା ପଶ୍ଚିମଓଡିଶାରେ ବିଜେପିକୁ ମିଳିଥିବା ଲୋକସଭା ସିଟରୁ ପ୍ରମାଣିତ ହୋଇଯାଇଥିଲା । ଏହି ସମ୍ପର୍କ ୨୦୧୯ ପରେ ଅଧିକ ନିବିଡ ହୋଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ବିଜେଡି ସାଂସଦଙ୍କ ସମର୍ଥନ, କାଶ୍ମୀରରେ ଧାରା-୩୭୦ର ଉଚ୍ଛେଦ, ଟ୍ରିପଲ ତଲାକ ବିଲ୍ , ନାଗରିକତା ସଂଶୋଧନ ବିଲ୍ (ସିଏଏ)କୁ ସମର୍ଥନ ଦେବାକୁ ପଛାଇ ନଥିଲା । ୨୦୧୯ ଜୁନ୍ ମାସରେ ବିଜେପି ରାଜ୍ୟସଭା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ଦେଇ ବିଜେଡି ସମସ୍ତଙ୍କୁ ଚକିତ କରିଦେଇଥିଲା । ଯଦିଓ ଏହି ଆସନକୁ ଜିତିବା ପାଇଁ ବିଜେଡି ପାଖରେ ଆବଶ୍ୟକ ସଂଖ୍ୟାଗରିଷ୍ଠତା ଥିଲା । ଆଉ ସେବେଠୁ ବିଜେଡି ବିଭିନ୍ନ ସମୟରେ ବିଜେପିକୁ ଅଯାଚିତ ସମର୍ଥନ ଦେଇ ଆସିଛି । ଅନ୍ୟପକ୍ଷରେ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ପ୍ରତି ଏଭଳି ସମର୍ଥନକୁ ବିଜେଡି ସର୍ବଦା 'ରାଜ୍ୟ ସ୍ୱାର୍ଥ ପାଇଁ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେବାରେ ବିଜେଡି ବିଶ୍ୱାସ କରେ'ବୋଲି କହି ନିଜର ସମଦୂରତ୍ୱ ନୀତିକୁ ପ୍ରମାଣିତ କରାଇବାକୁ ଚାହିଁଛି।

## କାଶିପୁରରେ ଝାଡ଼ାବାନ୍ତି ନେଲା ଆଉ ଏକ ଜୀବନ : ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି

ରାୟଗଡ଼ା, ୨୩।୭(ପି.ଏନ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିବା ଆଉ ଜଣକର ମୃତ୍ୟୁ ଘଟିଛି । ଫଳରେ ବ୍ଲକରେ ଝାଡ଼ାବାନ୍ତିଜନିତ ମୃତ୍ୟୁ ସଂଖ୍ୟା ୮ କୁ ବୃଦ୍ଧି ପାଇଛି । ମୃତକ ହେଲେ ଅର୍ଜୁନ ଜାନି । ତାଙ୍କ ଘର ଦୁଡୁକାବାହାଲ ପଚାଂୟତ ଅନ୍ତର୍ଗତ ଡେଙ୍ଗାଗୁଡ଼ା ଗ୍ରାମରେ ବୋଲି ଜଣାପଡିଛି । ଗତ ୧୪ ତାରିଖ ରାତିରେ ଟିକିରି ଝଡ଼ିଆସାହିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ ତାରିଖରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ୧୬ ତାରିଖରେ ରାୟଗଡ଼ା ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଆଉ ଜଣକର ମୃତ୍ୟୁ ଘଟିଥିଲା। ପରେ ଅନ୍ୟ ଜଣକର ମଧ୍ୟ ମୃତ୍ୟୁ ଘଟିଥିଲା । ଏବେ ଅର୍ଜୁନ ଜାନିଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ହଇଜା ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ କାଶୀପୁରରେ ୨ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି । ଗାଁକୁ ଗାଁ ବୁଲି ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀ । ମେଡ଼ିକାଲ୍ ଟିମ୍ ବି ମୁତୟନ ହୋଇଛନ୍ତି । ଏହାସତ୍ୱେ ଆକ୍ରାନ୍ତଙ୍କ ମୃତ୍ୟୁ ହେବା ଯୋଗୁ ଲୋକେ ଛାନିଆ ହୋଇ ପଡ଼ିଛନ୍ତି। ଅନ୍ୟପକ୍ଷରେ ଦୂଷିତ ଝରଣା ପାଣି ହିଁ ରାୟଗଡ଼ା ଜିଲ୍ଲାର କାଶୀପୁରରେ ବ୍ୟାପିଥିବା ଝାଡ଼ାବାନ୍ତିର କାରଣ । ସେଠାରେ ଭିବ୍ରିଓ କଲେରା ବିଜାଣୁ ଠାବ ହୋଇଥିବା ବେଳେ ଏହାର ମୂଳ ସଂକ୍ରମଣ ପାଣି ଉତ୍ସରୁ ହିଁ ଆରମ୍ଭ ହୋଇଛି ବୋଲି ପୂର୍ବରୁ କହିସାରିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ଏହାସତ୍ୱେ ଲୋକଙ୍କୁ ବିଶୁଦ୍ଧ ଜଳ ଯୋଗାଣ ପାଇଁ ପ୍ରଶାସନ ପକ୍ଷରୁ ସେପରି ତତ୍ପରତା ପ୍ରକାଶ ପାଉ ନ ଥିବା ଅଭିଯୋଗ ହେଉଛି। ଏବେ ପ୍ରଶାସନ ପକ୍ଷରୁ କାଶୀପୁର ବ୍ଲକର ବିଭିନ୍ନ ଗ୍ରାମକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେଉଥିଲେ ବି ତାହା ପର୍ଯ୍ୟାପ୍ତ ହେଉନାହିଁ । ଫଳରେ ଲୋକେ ପୁଣି ଥରେ ଝରଣାର ଦୂଷିତ ଜଳ ସଂଗ୍ରହ କରି ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଏସସି ଓ ଏସଟି ତାଲିକାରେ ସାମିଲ ନ କରା ଯିବାକୁ ନେଇ ବିଧାନସଭାରେ ଉଦବେଗ

ଭୁବନେଶ୍ୱର, ୨୩।୭(ପି.ଏନ): ସମାନ ଜାତିର ଲୋକ ମାନେ ସାଙ୍ଗିଆ ଭିନ୍ନ ହେଲେ ସେମାନଙ୍କୁ ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ ସାମିଲ କରା ଯାଉ ନାହିଁ ଏହା ଫଳରେ ସେମାନେ ସଂରକ୍ଷଣ ଓ ଅନ୍ୟ ବ୍ୟବସ୍ଥାର ଲାଭ ପାଇ ପାରୁ ନାହାନ୍ତି। ଏହା ଉପରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ବିଧାନସଭାରେ ଆଜି ମତ ପ୍ରକାଶ ପାଇଛି। ବିଧାୟକ ଭାସ୍କର ମଢେଇଙ୍କ ମୂଳ ପ୍ରଶ୍ନ ଉପରେ ଆଲୋଚନା ବେଳେ ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକ ମାନେ ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି।






## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଉଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁଷ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁଲାଇ ୨୪

# ଗାନ୍ଧୀବାଦର ମୃତ୍ୟୁ



ଆମ ଦେଶରେ ସବୁଠାରୁ ସାଧାରଣ କାମ କରିବା ବ୍ୟକ୍ତି ଏକ ଅସାମାନ୍ୟ ଏବଂ ଅସାଧାରଣ ମଣିଷଭାବରେ ଖ୍ୟାତି ଲାଭ କରିପାରିବ। ଏହାର ପ୍ରକୃତ କାରଣ ଆମେ ସମସ୍ତେ ସବୁବେଳେ ଚେଷ୍ଟା କରୁଛୁ ଅସାଧାରଣ କାର୍ଯ୍ୟମାନ କରିବାପାଇଁ। ପ୍ରକୃତରେ ଆମେ ଯାହା ନୋହୁଁ ଠିକ୍ ତାହାର ଅଭିନୟ କରୁଛୁ। ସବୁଠାରେ ପାରିବାରିକ, ସାମାଜିକ ଏବଂ ରାଜନୈତିକ ଜୀବନରେ ବା କ୍ଷେତ୍ରରେ। ବର୍ତମାନ ଆମେ ଦେଖିବା ଗାନ୍ଧିଜୀ ଏପରି କେଉଁ ଅଲୌକିକ କାର୍ଯ୍ୟମାନ କରିଥିଲେ ଯେ ସମାଜ ତାଙ୍କୁ 'ମହାତ୍ମା' ଆଖ୍ୟା ଦେଲା। ଗାନ୍ଧୀ ଜଣେ ପ୍ରଖର ମେଧାବୀ ଛାତ୍ର ନ ଥିଲେ। ଯାହାକୁ ନିଜ ମୁଖରେ ସେ ସ୍ୱୀକାର କରିଛନ୍ତି। ଗାନ୍ଧୀ ଖୁବ୍ ଯେ ବେଶୀ ପାଠ ପଢିଥିଲେ ତାହା ମଧ୍ୟ ନୁହେଁ। ମାତ୍ର ମାଟ୍ରିକ୍ ପାଶ୍‌କରି ସେ ବାରିଷ୍ଟରୀ ପଢିଥିଲେ। ସେଥିରୁ ଅନୁମାନ କରିବାକୁ ହେବ ସେତେବେଳର ମାଟ୍ରିକ୍ ପାଠ କ'ଣ ଥିଲା। ବାରିଷ୍ଟରୀ 'ପାଠ' ଗୋଟିଏ ଜମିଦାରୀଆ ଉପାଧି ମାତ୍ର। ଗାନ୍ଧୀ ଦେଖିବାକୁ ଯେ ଖୁବ୍ ସୁନ୍ଦର ଥିଲେ ତାହା ମଧ୍ୟ କେହି ଶତ ପ୍ରତିଶତ କହିପାରିବେ ନାହିଁ। ଗାନ୍ଧୀ ତେର ବର୍ଷ ବୟସରେ ବିବାହ କରିଥିଲେ। ଏବଂ ୨୩ ବର୍ଷ ବୈବାହିକ ଜୀବନ ବିତାଇବାପରେ ବ୍ରହ୍ମଚର୍ଯ୍ୟ ରକ୍ଷା କରିଥିଲେ। ସେଇ ସମୟକୁ ଅନେକ ମହାନ ଲେଖକମାନେ Married Bachelor କହନ୍ତି। ପିଲାବେଳେ ମିଛ କହିଥିଲେ, ଚୋରି କରିଥିଲେ, ଲୁଚାଇକରି ଖଣ୍ଡିଆ ବିଡି ଟାଣୁଥିଲେ ଏବଂ ପାରିବାରିକ ତଥା ସାମାଜିକ ନିଷେଧ ସତ୍ୱେ ମାଂସ ମଧ୍ୟ ଖାଇଥିଲେ। ମାତ୍ର ଅନୁତପ୍ତ କରି ଏସବୁ ଦୁର୍ଗୁଣକୁ ପୁନର୍ବାର ଜୀବନରେ ସ୍ଥାନ ଦେଇ ନ ଥିଲେ।

ଆଫ୍ରିକାରେ ପହଚିଂଲା ପରେ ଚମଡାର ରଙ୍ଗ ପାଇଁ ଯେତବେଳେ ଗୋରାମଣିଷମାନେ ତାଙ୍କୁ ମଣିଷପାଇଁ ଯାହା ଉପଯୁକ୍ତ ସେହି ବ୍ୟବହାର ଦେଖାଇ ନ ଥିଲେ ଏବଂ ଖରାପ ବ୍ୟବହାର କରିଥିଲେ, ଗାନ୍ଧୀ ଏ ବ୍ୟବହାରର ପ୍ରତିବାଦ କରିଥିଲେ ଯାହା ମଣିଷମାତ୍ରେ ସାଧାରଣତଃ କରିବା କଥା। ଭାରତକୁ ଫେରିଲେ। ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଲେ। କେତେ କେତେ ଟାଣୁଆ ଖ୍ୟାତି ସମ୍ପନ୍ନ ନେତାମାନେ ସ୍ୱାଧିନତା ଆନ୍ଦୋଳନର ପୁରୋଭାଗରେ ଥିଲେ। ମାତ୍ର ଗାନ୍ଧୀ ଭାରତ ସ୍ୱାଧିନତା ଆନ୍ଦୋଳନର ପୁରୋଧା ହୋଇଗଲେ ମାତ୍ର ଆଠ ଦଶ ବର୍ଷ ଭିତରେ କାରଣ ସେ ଅତି ସାଧାରଣ ରୀତିରେ ଆନ୍ଦୋଳନକୁ ଜନସାଧାରଣଙ୍କ ସ୍ତରକୁ ଓହ୍ଲେଇ ଆଣିଲେ। ଗାନ୍ଧୀ ଦେଖିଲେ ଏବଂ ଅନୁଭବ କଲେ ଦେଶର ଦାରିଦ୍ର୍ୟ। ନିଜକୁ ଗରୀବ ସହ ସାମିଲ କରି ଦେଶର ଜଣେ ଗରୀବ ଲୋକ ଯାହା ପିନ୍ଧୁଛି ସେ ପିନ୍ଧିଲେ ସେଇଆ। ଫୁଙ୍ଗୁଳା ଦେହ ଆଂଠୁ ଲୁଚୁ ନ ଥିବା ପାଂଚହାତି ଧୋତି ଖଣ୍ଡେ। ଦେଶର ସବୁଠାରୁ ଗରୀବ ଲୋକ ଯେମିତି ଘରେ ରହୁଛି ସେ ଠିକ୍ ସେମିତି କୁଡିଆ ଘରେ ରହିଲେ। ଦେଶର ଗରୀବଲୋକ ଧୋବାଘରେ ଲୁଗାସଫା କରିବାକୁ ନ ଦେଇପାରି ନିଜ ହାତରେ ସଫାକରି ପିନ୍ଧିବାପରି ସେ ନିଜ ଲୁଗାକୁ ନିଜ ହାତରେ ସଫା କଲେ।

ଗାନ୍ଧୀ ଦେଖିଲେ ବିଲାତରୁ ଲୁଗା ଆସୁଛି। ସମସ୍ତେ ସେଇଆକୁ ପିନ୍ଧୁଛନ୍ତି। ବିଦେଶୀ ଶାସକ ବିରୁଦ୍ଧରେ ସ୍ୱର ଉତୋଳନ କରିବାକୁ ଏହା ଏକ ସାର୍ବଜନୀନ ମାଧ୍ୟମ ଏହି ବିଲାତି ଲୁଗା ପିନ୍ଧିବା ବିରୁଦ୍ଧରେ ଅଭିଯାନ ଯାହା ଗାନ୍ଧୀଜୀଙ୍କ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଆର୍ଥିକ ମାନଦଣ୍ଡକୁ କୁଠାରାଘାତ କରିବାର ପ୍ରୟାସ ସହ ନିଜ ଦେଶର ସାମଗ୍ରୀକ ବିନିଯୋଗ କରି ବ୍ୟବହାର କରିବାର ଅଭିନବ ପ୍ରୟାସ। ପ୍ରଥମେ ସେ ନିଜେ ଅରଟ ଧରି ସୂତା କାଟିଲେ। ସେଇ ସୂତାରେ ଲୁଗା ବୁଣାଇ ପିନ୍ଧିଲେ। ଏଇ ପ୍ରୟାସ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କଲା। ଏହାଦ୍ୱାରା ଏକାବେଳକେ ତିନୋଟି କଥା ହେଲା। ବିଦେଶୀ ଲୁଗାର ପ୍ରତୀକ ଇଂରେଜ ଶାସନ ବିରୁଦ୍ଧରେ ସମାଜର ସର୍ବନିମ୍ନ ସ୍ତରରେ ଜନମତ। ସ୍ୱଦେଶୀ ସପକ୍ଷରେ ମତ ଜାହିର। ଯିଏ ସୂତା କାଟିଲା ସେ ଉତ୍ପାଦନ କରିପାରିଲା ଏବଂ ତନ୍ତୁବାୟୁର କୁଟୀରଶିଳ୍ପ ବଂଚିଲା।

ଆହୁରୀ ଏକ କଥା ମଣିଷ ଭିତରେ ଅସ୍ପୃଶ୍ୟତାକୁ ହଟାଇବାକୁ ହେବ। 'ହରିଜନ' ଶବ୍ଦ ଏବଂ ସେଇ ନାମର ପତ୍ରିକା ଜରିଆରେ ସେ ଲୋକଙ୍କ ପାଖରେ ଏ ବିଷୟରେ ତାଙ୍କର ମତ ପ୍ରକାଶ କଲେ। ମେହେନ୍ତର କଲୋନୀରେ ରହିଲେ ଏବଂ ନିଜେ ପାଇଖାନା ସଫା କଲେ। ଗାନ୍ଧୀ ଉପଲବ୍ଧି କରିଥିଲେ ଭାରତବାସୀ ମନସ୍ତାତ୍ୱିକ ଦୃଷ୍ଟିକୋଣରୁ ଏକ ସଶସ୍ତ୍ର ବିପ୍ଳବ କରିବାକୁ ଉପଯୁକ୍ତ ବା ପ୍ରସ୍ତୁତ ନୁହନ୍ତି। ଏହାଛଡା ବ୍ରିଟିଶ ଶାସକ ହାତରେ ଶାସନ କଳ, ସୈନ୍ୟବାହିନୀ ବନ୍ଧୁକ ଗୋଳାବାରୁଦ ମହଜୁଦ। ଇଂରେଜ ଜାତିର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସ୍ୱତଃ ନୈତିକ ସମ୍ମାନ ରହିଛି। ଏଇ ପରିସ୍ଥିତିରେ ଗାନ୍ଧୀ ଆଶ୍ରୟ ନେଇଥିଲେ ଏକ ଅତି ସାଧାରଣ ପନ୍ଥା ଯାହାଥିଲା - 'ସତ୍ୟ, ଅହିଂସା ଏବଂ ଅସହଯୋଗ'। ଗୋଟିଏ ଦରିଦ୍ର, ନିରସ୍ତ୍ର ଜାତି ସତ୍ୟ, ଅହିଂସା ଏବଂ ଅସହଯୋଗ ବ୍ୟତୀତ ଆଉ କ'ଣ ସହଜ ଲବ୍ଧ ନୈତିକ ଅସ୍ତ୍ର ନେଇ ଲଢନ୍ତା? ୧୯୩୫ ବେଳକୁ ବ୍ରିଟିଶ ସରକାର ପ୍ରସ୍ତୁତ ହୋଇଗଲାଣି ଭାରତକୁ ସ୍ୱାଧିନତା ଦେବା ପାଇଁ। ଭାରତର ସ୍ୱାଧିନତା ସଂଗ୍ରାମ ଗାନ୍ଧୀଙ୍କ ପ୍ରଦର୍ଶିତ ଏକ ଅତି ସାଧାରଣ ପନ୍ଥାରେ ପରିଚାଳିତ ହୋଇପାରିଲା। ତଥାପି ଗାନ୍ଧୀଙ୍କୁ ଆମେ ଜଣେ ସାଧାରଣ ମଣିଷଭାବେ ଗ୍ରହଣ ନ କରି 'ମହାତ୍ମା' ଆଖ୍ୟା ଦେଇଛୁ। ଏହାର କାରଣ ହେଲା ଗାନ୍ଧୀଙ୍କ ପରି ଆମେ କେହି ପାଂଚ ହାତି ଲୁଗା ପିନ୍ଧି ବାହାରକୁ ଯାଇ ପାରିବୁନି। ସୂତାକାଟିବାପରି 'ନିକମା' କାମ କରିପାରିବୁନି। ଆମେ ଭଲପାଠ ପଢିଲେ ଆଇ.ଏ.ଏସ୍ ଓ ଏ.ଏସ୍. ଇତ୍ୟାଦି ବଡ ବଡ ଚାକିରୀ ସମ୍ପନ୍ନ ପରାଧିନତା ପାଇଁ ସାରାଜୀବନ ବଳିଦେବୁ। ମାତ୍ର ଦେଶପାଇଁ ନୁହେଁ। ଆମେ ମିଛ କହି, ଚୋରି କରି ତା'କୁ ମୁକ୍ତ କଣ୍ଠରେ ସ୍ୱୀକାର କରିବାର ନୈତିକ ସାହସ ପ୍ରଦର୍ଶନ କରିପାରିବୁନି। ଆମେ ଅସ୍ପୃଶ୍ୟ ବିରୁଦ୍ଧରେ ବଡ ଓଜସ୍ୱିନୀ ବକ୍ତୃତା ଦେଇପାରିବୁ। କିନ୍ତୁ ହରିଜନଙ୍କ ସାଙ୍ଗରେ ଚଳିପାରିବୁନି କିମ୍ବା ହରିଜନ ଘରେ ବିବାହ ସମ୍ପର୍କ କରିପାରିବୁନି। କ୍ଷମତା ସମ୍ପନ୍ନ ଲୋକ ଅନ୍ୟାୟ କଲେ ତା' ବିରୁଦ୍ଧରେ ଆମେ ପ୍ରତିବାଦ କରିପାରିବୁନି। ସତ୍ୟ ଏବଂ ଅହିଂସାକୁ ଆଧାର କରି ଆନ୍ଦୋଳନ କରିପାରିବୁନି। ଆମ ସରକାରମାନେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେଇପାରୁନାହାଁନ୍ତି। ଫଳ ହେଉଚି ହିଂସାତ୍ମକ ଆନ୍ଦୋଳନ ଏବଂ ଲାଠି ଗୁଳିର ଦମନଲୀଳା। ତେଣୁ ଉପରୋକ୍ତ ବିଷୟକୁ ଉପଲବ୍ଧି ତଥା ବିଚାର କଲେ ଗାନ୍ଧୀଙ୍କ ସହ ଗାନ୍ଧୀବାଦର ମୃତ୍ୟୁ ହୋଇଯାଇନି କି?

**ଉମାଶଙ୍କର ପ୍ରସାଦ**, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର, ମେନ୍ ରୋଡ୍, ଖୋର୍ଦ୍ଧା, ମୋ: ୮୮୯୭୭୪୫୪୯୦

## ଆଜିର ଅନୁଚିନ୍ତା

ବିଛା କାମୁଡ଼ାରେ କେବଳ ବିନ୍ଧା ଛିଟିକା ହୁଏ, କିନ୍ତୁ କେହି କେବେ ମରେନାହିଁ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504



# ପାକ୍‌ରେ ଶ୍ରୀଲଙ୍କାର ଭୟ !

**ସୌମେନ୍ଦ୍ର ଜେନା**



ଶ୍ରୀଲଙ୍କାର ଭୟଙ୍କର ଆର୍ଥିକ ସ୍ଥିତି ଏବଂ ଲୋକଙ୍କ ଆନ୍ଦୋଳନ ସହ ରାଷ୍ଟ୍ରପତି ଗୋତବାୟାଙ୍କ ସିଙ୍ଗାପୁରକୁ ପଳାୟନ ଘଟଣା ଏବେ ପଡୋଶୀ ରାଷ୍ଟ୍ର ପାକିସ୍ଥାନରେ ଭୟର କାରଣ ହୋଇଛି । କାରଣ ଉଭୟ ରାଷ୍ଟ୍ର ଚୀନ୍‌ର ଋଣଜାଲରେ ପଡି ଏବେ ମୁକୁଳିପାରୁନାହାନ୍ତି । ଚୀନ୍ ସହ ନିକଟତା ଦୃଷ୍ଟିରୁ ଦୁଇ ରାଷ୍ଟ୍ରଙ୍କୁ ଋଣ ଦେବାଲାଗି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି କିମ୍ବା ଅନ୍ୟ କୌଣସି ରାଷ୍ଟ୍ର ଆଗେଇ ଆସୁନାହାନ୍ତି । ବିଗତ ଶତାବ୍ଦୀର ଶେଷ ଦଶକରେ ଠିକ୍ ଏମିତି ଘଟଣା ମାର୍କୋସଙ୍କ ଫିଲିପାଇନ୍ସରେ ହୋଇଥିଲା । ସେତେବେଳେ ମାର୍କୋସଙ୍କୁ ଫିଲିପାଇନ୍ସ ଛାଡିବାକୁ ହୋଇଥିଲା । ଏବେ ଆନ୍ଦୋଳନକାରୀ ଜନତା ଶ୍ରୀଲଙ୍କାର ରାଷ୍ଟ୍ରପତି ଭବନକୁ ନିଜ ଦଖଲକୁ ନେଇ ସେଠାରେ ମଉଜ କରିବାର ଭିଡିଓ ସାରା ପୃଥିବୀର ଲୋକେ ଦେଖିସାରିଛନ୍ତି । ଏପରି ଘଟଣା ପାକ୍‌ରେ ଘଟିବା ଆଦୌ ବଡ କଥା ହେବନାହିଁ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ନିକଟରେ କ୍ଷମତା ହରାଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁ ବର୍ତ୍ତମାନର ଶାହବାଜ ସରିଫଙ୍କ ସରକାର ବିରୋଧରେ ସାରା ପାକିସ୍ତାନରେ ବୁଲି ବୁଲି ସଭା କରିବାରେ ଲାଗିଛନ୍ତି । ଅର୍ଥ ପ୍ରଦାନ ପାଇଁ ମାତ୍ର ୬ ସପ୍ତାହ ଲାଗି ବୈଦେଶିକ ମୁଦ୍ରା ଦେଶରେ ଗଚ୍ଛିତ ଥିବା ଜଣାଯାଇଛି । ଏହି ସମୟ ଭିତରେ ଯଦି ଆର୍ଥିକ ସହାୟତା ପାକ୍ ସରକାରଙ୍କୁ ନ ମିଳେ, ତା'ହେଲେ ଅବସ୍ଥା ବହୁତ ଖରାପ ହେବ । କାରଣ ଶ୍ରୀଲଙ୍କାରେ ଆନ୍ଦୋଳନ ଦୀର୍ଘଦିନ ଧରି ଚାଲି ଆସିଥିଲେ ମଧ୍ୟ ରକ୍ତପାତ ଆଡକୁ ଯାଇନାହିଁ । ବିକ୍ଷୋଭକାରୀମାନେ ନେତାମାନଙ୍କ ସଂପତ୍ତି, ଘରଦ୍ୱାରକୁ ଟାର୍ଗେଟ କରି ନଷ୍ଟ କରିବା ଦେଖାଯାଇଛି । କିନ୍ତୁ ପାକିସ୍ଥାନରେ ସାଧାରଣ ଜନତା ହିଂସାମୁଖୀ ହେବା ସାଧାରଣ କଥା । ଲକ୍ଷ ଲକ୍ଷ ସଂଖ୍ୟକ ଜିହାଦି ପ୍ରଶିକ୍ଷିତ, ମଦ୍ରାସାର ମୌଳବାଦୀ ଶିକ୍ଷାପ୍ରାପ୍ତ ଲୋକେ ପାକ୍‌ରେ ଥିଲାବେଳେ ଗୁଳିଗୋଳା ଚାଲିବା, ଆତ୍ମଘାତୀ ବାହିନୀର ଆକ୍ରମଣ କୌଣସି ବଡ କଥା ନୁହେଁ । ସେହି ଭୟ ଏବେ ସାଧାରଣରେ ସୃଷ୍ଟି ହେବାରେ ଲାଗିଛି । ଶ୍ରୀଲଙ୍କାର ଅର୍ଥନୀତି ଖରାପ ସ୍ଥିତିକୁ ଯାଉଛି ବୋଲି ଗତ ଛଅ ମାସ ହେଲା ଆଲୋଚନା ହୋଇଆସିଛି । ଦେଶର ଅର୍ଥନୀତିଜ୍ଞ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସତର୍କତା ସତ୍ତ୍ୱେ ଦେଶ ଚଳାଉଥିବା ରାଜପାକ୍ଷ ପରିବାର ସମସ୍ୟାର ସମାଧାନ ନକରିପାରିବା ଯୋଗୁ ସେମାନେ ଜନତାଙ୍କ ଆକ୍ରୋଶର ଶିକାର ହୋଇଛନ୍ତି । ସେହିପରି ଅସ୍ଥିରତା ଖୁବ୍ ଶୀଘ୍ର ପାକିସ୍ଥାନରେ ସୃଷ୍ଟି ହେବ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ।

ଶାହବାଜ ସରିଫଙ୍କ ସରକାର ପାଇଁ ଶକ୍ତିସଙ୍କଟ ବଡ ଆହ୍ୱାନ ସୃଷ୍ଟି କରିଛି । ବିଗତ ଏକ ମାସ ହେଲା ସରକାର ଗ୍ୟାସ ଟେଣ୍ଡର ଦେବାକୁ ଘୋଷଣା କରିଥିଲେ ମଧ୍ୟ ଟେଣ୍ଡର ନେବାକୁ କୌଣସି କମ୍ପାନୀ ଆଗେଇ ଆସିବା ଦେଖାଯାଉନାହିଁ । କାରଣ ପାକ୍ ସରକାରଙ୍କ ନିକଟରେ ପର୍ଯ୍ୟାପ୍ତ ଅର୍ଥ ନଥିବା ହେତୁ ଅର୍ଥପ୍ରଦାନର ଗ୍ୟାରେଣ୍ଟି ନାହିଁ । ତେଣୁ କୌଣସି କମ୍ପାନୀ ଜାଣିଜାଣି ହାଣ ପାଇଁ ବେକ ବଢାଇବାକୁ ଆସୁନାହାନ୍ତି । ବିଗତ ଦିନରେ ସରିଫ ସରକାର ଗ୍ୟାସ ଦର ୪୩ ପ୍ରତିଶତରୁ ୨୩୫ ପ୍ରତିଶତକୁ ବୃଦ୍ଧି କରି ଚଳିତ ମାସ ୧ ଜୁଲାଇରୁ ଲାଗୁ କରିବାକୁ ଘୋଷଣା କରିସାରିଛନ୍ତି । ସରକାର ପ୍ରାୟ ୬୬୦ ବିଲିଅନ ଡଲାର ଅର୍ଥ ଗ୍ୟାସ ଗ୍ରାହକମାନଙ୍କ ଠାରୁ ପାଇବାକୁ ଲକ୍ଷ୍ୟ ରଖିଛନ୍ତି । ସେମିତି ଗତ ଦୁଇମାସରେ ପେଟ୍ରୋଲ ଦର ୧୫୦ରୁ ବଢି ୨୦୦ରେ ପହଞ୍ଚିଯାଇଛି । ପାକ୍ ଟଙ୍କାର ମୂଲ୍ୟ ୧ ଡଲାର ତୁଳନାରେ ୨୨୧ ଟଙ୍କାକୁ ଖସିଲାଣି । ଗତବର୍ଷ ଜୁନ୍‌ରେ ଡଲାରର ମୂଲ୍ୟ ପାକ୍ ଟଙ୍କାରେ ୧୫୭.୫୪ ଥିଲା । ୨୦୨୨ରେ ପାକ୍ ଟଙ୍କା ଏସିଆର ସବୁଠାରୁ ଦୁର୍ବଳ ମୁଦ୍ରାରେ ପରିଗଣିତ ହେଉଛି । ନଭେମ୍ବର ୨୦୧୯ରୁ ଷ୍ଟେଟ ବ୍ୟାଙ୍କ୍ ଅଫ୍ ପାକିସ୍ଥାନ ପକ୍ଷରୁ ସଙ୍କଟ ସଂପର୍କରେ ତତ୍‌କାଳୀନ ସରକାରଙ୍କୁ ଅବଗତ କରାଯାଇଥିଲା । ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇମରାନ ଖାଁ ବ୍ୟବସ୍ଥାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଚେଷ୍ଟା କରି ସଫଳ ହୋଇପାରି ନ ଥିଲେ । ପାକ୍ ସରକାରଙ୍କ ହାତରେ ମାତ୍ର ୮.୨୪ କୋଟି ଡଲାର ବିଦେଶୀ ମୁଦ୍ରା ଗଚ୍ଛିତ ରହିଛି, ଯାହା ଆମଦାନୀ ପାଇଁ ଅତିବେଶୀରେ ଦେଢମାସ ପାଇଁ ସମ୍ଭାଳିପାରେ । ଏହି ବିଷୟକୁ ଲକ୍ଷ୍ୟ କରି ବିଦେଶରୁ ଆମଦାନୀ ହେଉଥିବା ଚହାଗୁଣ୍ଡ କମ୍ ବ୍ୟବହାର କରିବାକୁ ଲୋକମାନଙ୍କୁ ପାକ୍ ସରକାର କହିସାରିଛନ୍ତି । ଶେଷ ଅସ୍ତ୍ରଭାବେ ଗଚ୍ଛିତ ଥିବା ୬୪.୬ ଟନ ସୁନାକୁ ବନ୍ଧକ ରଖି ସରକାର ଋଣ କରିବାକୁ ଯୋଜନା କରିଛନ୍ତି । ପାକ୍ ସରକାର ଆନ୍ତର୍ଜାତିକ ମୁଦ୍ରାପାଣ୍ଠିଠାରୁ ୬ ବିଲିଅନ ଡଲାର ଋଣମୁକ୍ତି ପାଇଁ ପାଇବାକୁ ଚେଷ୍ଟା ଚଳାଇଛନ୍ତି । ଏଥିପାଇଁ ବିଗତ ଦିନରେ ପାକ୍ ସରକାର ୨୨ ଥର ଆଲୋଚନା କରିଛନ୍ତି । ୫୫ ବିଲିଅନ ଡଲାର ଋଣ ପାଇଁ ଶ୍ରୀଲଙ୍କା ଦେବାଳିଆ ହେଲା ବେଳେ ୮୮ ବିଲିଅନ ଡଲାର ଋଣ ବୋଝ ଧରି ପାକିସ୍ଥାନ ବୁଲୁଛି । ଏଥିରେ ୬୪ ବିଲିଅନ ଡଲାର ଋଣ କେବଳ ଚୀନର ରହିଛି । ଯାହା ସି-ପେକ୍ ପ୍ରକଳ୍ପ ପାଇଁ ୨୦୧୪ରେ ୪୭ ବିଲିଅନ ହେବ ବୋଲି ଆକଳନ ହୋଇଥିଲା । ୨୦୧୮ରେ ପାକିସ୍ଥାନ ପାଇଁ ଏମିତି ପରିସ୍ଥିତି ଆସିଥିଲା । ସେତେବେଳେ ପାକ୍ ସରକାର ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରୁ ଋଣ ପାଇବାକୁ ଉଦ୍ୟମ କଲାବେଳେ ଚୀନ, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଅମିରାତ୍ ପରି ରାଷ୍ଟ୍ର ପାକିସ୍ଥାନକୁ ସମର୍ଥନ କରିଥିଲେ । ଏବେ କୌଣସି ରାଷ୍ଟ୍ର ପାକିସ୍ଥାନକୁ ସମର୍ଥନ କରିବାକୁ ପ୍ରସ୍ତୁତ ନାହାନ୍ତି । କାରଣ ଦୀର୍ଘଦିନ ହେବ ନିଅଣ୍ଟିଆ ବଜେଟ ପ୍ରସ୍ତୁତି, ଅର୍ଥ ପରିଚାଳନାରେ ବିଶୃଙ୍ଖଳା, ଦୁର୍ବଳ ଟିକସ ସଂଗ୍ରହ ବ୍ୟବସ୍ଥା, ଅନାବଶ୍ୟକ ସବ୍‌ସିଡି ପ୍ରଦାନ, ଘରୋଇ ଉତ୍ପାଦନ ନହେବା, ଅନେକ ବସ୍ତୁ ବିଦେଶରୁ ଆମଦାନୀ କରିବା ଯୋଗୁ ପାକ୍‌ରେ ଆର୍ଥିକ କ୍ଷେତ୍ରରେ ଗୋଳମାଳ ଅବସ୍ଥା ସୃଷ୍ଟି ହୋଇଛି । ଏହାସହ ବାରମ୍ବାର ଶାସନଗତ ଅସ୍ଥିରତା, ସନ୍ତ୍ରାସବାଦ ଏବଂ ମୌଳବାଦକୁ ସମର୍ଥନ ଯୋଗୁ ବିଶ୍ୱରେ ପାକିସ୍ଥାନ ଏକାକୀ ହୋଇପଡିଛି । ପାକ୍ ପ୍ରଧାନମନ୍ତ୍ରୀ ସରିଫ୍ ଶାସନକୁ ହାତକୁ ନେଇ ସଙ୍କଟର ସମାଧାନ କରିବେ ବୋଲି ଯେମିତି ଭାବିଥିଲେ ତାହା ଏବେ ସହଜ ଜଣାପଡୁନାହିଁ । ପାକ୍‌ର ସହଯୋଗୀ ଚୀନ, ସାଉଦି ଆରବ, ତୁର୍କୀ, ୟୁନାଇଟେଡ୍ ଆରବ ଏମିରେଟ ଆଦି ଦେଶ ବର୍ତ୍ତମାନ ପରିସ୍ଥିତିରେ ପାକିସ୍ଥାନକୁ ସହଯୋଗ କରିବାକୁ ପ୍ରସ୍ତୁତ ନାହାନ୍ତି । ବିଗତ ଦିନରେ ଫ୍ରାନ୍ସ ବିରୋଧରେ ପାକ୍ ସରକାରଙ୍କ ମୌଳବାଦୀଙ୍କୁ ସମର୍ଥନ ଯୋଗୁ ୟୁରୋପୀୟ ସଂଘର ଅନ୍ୟାନ୍ୟ ରାଷ୍ଟ୍ର ମଧ୍ୟ ପାକ୍ ପକ୍ଷରେ ନାହାନ୍ତି । ଇମରାନଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଆମେରିକାକୁ ଖୋଲା ସମାଲୋଚନା ଯୋଗୁ ବାଇଡେନ ପ୍ରଶାସନ ପାକ୍‌କୁ ସାହାଯ୍ୟ କରିବା ମନସ୍ଥିତିରେ ନାହିଁ । ରୁଷିଆ-ୟୁକ୍ରେନ ଯୁଦ୍ଧ କାଳରେ ଇମରାନଙ୍କ ମସ୍କୋ ଯାତ୍ରାକୁ ଆମେରିକା ସମେତ ବହୁ ପାଶ୍ଚାତ୍ୟ ରାଷ୍ଟ୍ର ଭଲ ଦୃଷ୍ଟିରେ ଗ୍ରହଣ କରି ନ ଥିଲେ । ଏହାବାଦ ଦୀର୍ଘ ଚାରି ଦଶନ୍ଧି ଧରି ମୁଜାହିଦିନ ଓ ତାଲିବାନଙ୍କୁ ପ୍ରଶିକ୍ଷଣ, ସୁରକ୍ଷା ଓ ଆର୍ଥିକ ସହାୟତା ଯୋଗାଇ ପାଳି ଆସିଥିବା ପାକିସ୍ଥାନ ଗତବର୍ଷ ଅଗଷ୍ଟ ମାସରେ ଆଫଗାନିସ୍ଥାନରେ ତାଲିବାନଙ୍କ କ୍ଷମତା ଦଖଲ ପାଇଁ ସେନା ଯବାନ ଓ ଅଧିକାରୀଙ୍କୁ ପଠାଇ ସାହାଯ୍ୟ କରିଆସିଥିଲା । ଶକ୍ତି ସଙ୍କଟର ସମାଧାନ ପାଇଁ ତାଲିବାନ ସରକାରଠାରୁ ଶସ୍ତାରେ କୋଇଲା ପାଇବାକୁ ପାକିସ୍ଥାନ ସରକାର ଆଶା ରଖିଥିଲେ । କିନ୍ତୁ ବାସ୍ତବରେ ତାହା ଫଳବତୀ ହୋଇନାହିଁ । ଟନ୍ ପିଛା କୋଇଲା ୬୦ ଟଙ୍କା ନେଉଥିବା ତାଲିବାନ ପାକ୍ ସରକାରଙ୍କ ପାଇଁ ୨୦୦ ଟଙ୍କା ଦାବି କରିବା ପରେ ଆଫଗାନିସ୍ଥାନକୁ ନିଜର ଲାଭ ପାଇଁ ଉପଯୋଗ କରିବାକୁ ଆଶା ରଖିଥିବା ପାକ୍‌ର ମନ ମଉଳିଯାଇଛି । ଡୁରାଣ୍ଡ ଲାଇନ ଅଞ୍ଚଳରେ ତାରବାଡକୁ କେନ୍ଦ୍ରକରି ତାଲିବାନ-ପାକ୍‌ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଜାରି ରହିଛି । ଉଭୟପକ୍ଷ ଗୁଳିଗୋଳା ବ୍ୟବହାର କରିବା ପରେ ତିକ୍ତତା ବୃଦ୍ଧି ପାଇଛି । ପାକ୍ ବିରୋଧୀ ତେହରିକେ ତାଲିବାନ ଗୋଷ୍ଠୀ ଦୁଇଦେଶର ସୀମାନ୍ତ ଅଞ୍ଚଳରେ ସନ୍ତ୍ରାସ ଜାରି ରଖିଥିବା ବେଳେ ପାକ୍ ସରକାର ତେହରିକେ ତାଲିବାନକୁ ସହାୟତା ଏବଂ ଆଶ୍ରୟ ନଦେବା ପାଇଁ କହିବା ସତ୍ତ୍ୱେ ତାଲିବାନ ସରକାର ସେଥିପ୍ରତି କର୍ଣ୍ଣପାତ କରିନାହିଁ । ନିକଟରେ କାବୁଲରେ ପୁନର୍ବାର ଭାରତର ଦୂତାବାସ ଖୋଲାଯିବା ପରେ ଆଫଗାନିସ୍ଥାନରୁ ଭାରତର ପ୍ରଭାବକୁ ହଟାଇବାକୁ ଲକ୍ଷ୍ୟ ରଖିଥିବା ପାକିସ୍ଥାନ ଏବେ ଚିନ୍ତାରେ ପଡିଯାଇଛି । କାଶ୍ମୀରକୁ ଆଧାର କରି ତାଲିବାନ ଅଞ୍ଚଳରୁ ଲସ୍‌କର ଏବଂ ଅନ୍ୟାନ୍ୟ ମୁଜାହିଦିନ ସନ୍ତ୍ରାସୀଙ୍କୁ ଭାରତକୁ ପଠାଇବାକୁ ପାକ୍‌ର ଲକ୍ଷ୍ୟ ଥିଲା ବେଳେ ତାଲିବାନ ଭାରତ ବିରୋଧୀ ସନ୍ତ୍ରାସ ପାଇଁ ଆଫଗାନିସ୍ଥାନକୁ ବ୍ୟବହାର କରାଯିବ ନାହିଁ ବୋଲି ଘୋଷଣା କରିଛି । ତେଣୁ ପାକ୍ ସେନାମୁଖ୍ୟ ବାଜୱା ବାଧ୍ୟ ହୋଇ ଆଫଗାନିସ୍ଥାନରେ ଭାରତର ଗୁପ୍ତଚର ସକ୍ରିୟ ହୋଇଥିବା ବିଷୟ ଘୋଷଣା କରିଛନ୍ତି ।

ବଡକଥା ହେଲା ଦେଢମାସର ଅର୍ଥ ଖର୍ଚ୍ଚ ହେଲା ପରେ ଅବସ୍ଥା କ'ଣ ହେବ ସେହି ଚିନ୍ତାରେ କେବଳ ପାକ୍ ସରକାର ନୁହନ୍ତି, ସାଧାରଣ ଜନତା ମଧ୍ୟ ଚିନ୍ତିତ । ପାକ୍‌ର ଗଣମାଧ୍ୟମରେ ଏହି ବିଷୟରେ ଆଲୋଚନା ଜାରି ଥିଲାବେଳେ ବହୁ ଆଲୋଚକ ସାହାଯ୍ୟ ପାଇଁ ମୋଦିଙ୍କୁ କୁହାଯିବା ସପକ୍ଷରେ ମତ ଦେଇଛନ୍ତି । ମାଳଦ୍ୱୀପ, ଶ୍ରୀଲଙ୍କାକୁ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ଭାରତ ଏବେ ପାକିସ୍ଥାନକୁ ମଧ୍ୟ ଆର୍ଥିକ ସହାୟତା ଦେଇପାରେ । ପାକ୍ ସରକାର ଏଥିପାଇଁ ପ୍ରୟାସ କରିବାକୁ ସେମାନେ ଯୁକ୍ତି ବାଢୁଛନ୍ତି । ସରକାର ଭାରତ ବିରୋଧୀ ନୀତି ଗ୍ରହଣ କରି କାଙ୍ଗାଳ ହୋଇଥିଲା ବେଳେ ବଙ୍ଗଳାଦେଶ ପରଶ ବର୍ଷରେ ଭାରତର ସହାୟତା ନେଇ ପାକିସ୍ଥାନକୁ ପଛରେ ପକାଇ ଦେଇଥିବା ଉଲ୍ଲେଖ କରୁଛନ୍ତି । ଶ୍ରୀଲଙ୍କାର ରାଜପାକ୍ଷ ପରିବାର ଯେପରି ସରକାରରେ ଅନେକ ପଦପଦବୀରେ ଥାଇ କ୍ଷମତାକୁ ଉପଭୋଗ କରୁଥିଲେ, ଦେଶରୁ ଲୁଟି ସିଙ୍ଗାପୁରରେ ବ୍ୟବସାୟ କରୁଥିଲେ, ଠିକ୍ ସେମିତି ପାକ୍‌ରେ ସରିଫ ଏବଂ ଜର୍ଦ୍ଦାରୀ ପରିବାର ଦେଶକୁ ଲୁଟି ଆସିଛନ୍ତି ବୋଲି ପିଟିଆଇ ଦଳର ନେତା ଇମରାନ ଖାଁ ନିର୍ବାଚନୀ ସଭାରେ କହିଛନ୍ତି । ପାକ୍‌ର ସେନା ବିସ୍କୁଟରୁ ସିମେଣ୍ଟ ପର୍ଯ୍ୟନ୍ତ ବ୍ୟବସାୟ କରି ପ୍ରାୟ ୨ ବିଲିଅନ ଡଲାର ରୋଜଗାର କରିବା ସହ ବହୁ ପରିମାଣର ଜମି ଏବଂ ବାସୋପଯୋଗୀ ପ୍ଲଟ ହାତରେ ଧରି ବସିଛି । କୃଷିପ୍ରଧାନ ଦେଶ ହେବା ସତ୍ତ୍ୱେ ଗହମ ଓ ଚିନି ଆମଦାନୀ କରୁଛି ପାକିସ୍ଥାନ । କିନ୍ତୁ ଦେଶର ଦୁର୍ନୀତି ଏତେ ବ୍ୟାପକ ହୋଇଛି ଯେ ଋଣ ଦେଉଥିବା ସଂସ୍ଥା ଆଇଏମ୍‌ଏଫ୍ ନିଜ ଅର୍ଥ ଫେରିପାଇବ ବୋଲି ପାକ୍ ଉପରେ ଭରସା କରିପାରୁନାହିଁ । ନିକଟରେ ରେଟିଂ ସଂସ୍ଥା ଫିଚ୍ ପକ୍ଷରୁ ଦେବାଳିଆ ସ୍ଥିତିକୁ ଯାଉଥିବା ଯେଉଁ ୧୭ଟି ରାଷ୍ଟ୍ରର ତାଲିକା ଜାରି କରିଛି ତହିଁରେ ପାକିସ୍ଥାନ ରହିଛି । ଦେଶର ମୁଦ୍ରାସ୍ଫୀତି ୨୦ ପ୍ରତିଶତକୁ ଅତିକ୍ରମ କଲାଣି । ତେଣୁ ସରକାର ବିଦେଶରୁ ଆମଦାନୀ ହେଉଥିବା ବିଳାସ ସାମଗ୍ରୀ ଉପରେ ସୁପର ଟିକସ ଲଗାଇଛନ୍ତି । ବିଶ୍ୱ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ କିମ୍ବା ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ପରି କୌଣସି ସଂସ୍ଥା ପାକ୍‌କୁ ପ୍ରକଳ୍ପ ପାଇଁ ଋଣ ଦେବାଲାଗି ରାଜି ନୁହଁନ୍ତି । ଜୁନ୍ ୨୦୨୨ ମଧ୍ୟରେ ୯ରୁ ୧୨ ବିଲିଅନ ଡଲାର ସହାୟତା ପାକ୍ ଆବଶ୍ୟକ କରୁଥିଲେ ମଧ୍ୟ ପାଇପାରି ନଥିବାରୁ ଆଗାମୀ ଦିନରେ ଋଣ ସୁଝି ନ ପାରି ଶ୍ରୀଲଙ୍କା ପରି ଦେବାଳିଆ ଘୋଷିତ ହେବାର ଯଥେଷ୍ଟ ଭୟ ରହିଛି, ଯାହା ଶ୍ରୀଲଙ୍କା ପରି ଅସ୍ଥିରତା ସୃଷ୍ଟି କରିପାରେ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଦେଶପାଇଁ ଏକ ସତର୍କ ଘଂଟି

**ଗୋଲଖ ଚନ୍ଦ୍ର ଦାସ**



ଜୁନ ୧୭ ତାରିଖ ଘଟଣା । ଏକାଦଶ ଶ୍ରେଣୀରେ ପଢୁଥିବା ରାହୁଲ ଦେବ ନାମକ ଜଣେ ଛାତ୍ର ସାମାଜିକ ଗଣମାଧ୍ୟମରେ ନୂପୁର ଶର୍ମାଙ୍କ ପ୍ରତିଛବି ପୋଷ୍ଟ କରିବା ସହିତ ଜୟ ଶ୍ରୀରାମ ଲେଖିଥିଲେ । ଏହାକୁ ବିରୋଧ କରିଥିଲେ ଆଉଜଣେ ଛାତ୍ର । ଏ ଘଟଣା ପହଁଚିଥିଲା କଲେଜର ପ୍ରିନ୍ସିପାଲ ସପନ କୁମାର ବିଶ୍ୱାସଙ୍କ ନିକଟରେ । କଲେଜର ପ୍ରିନ୍ସିପାଲ ଏ ଘଟଣା ସଙ୍ଗେ ସଙ୍ଗେ ପୋଲିସକୁ ଜଣାଇଥିଲେ । କିନ୍ତୁ ପ୍ରିନ୍ସିପାଲଙ୍କ ଏପରି ପଦକ୍ଷେପ ଅଭିଯୋଗ ଆଣିଥିବା ଛାତ୍ରଙ୍କୁ ଭଲ ଲାଗି ନ ଥିଲା । ସେମାନେ ପ୍ରିନ୍ସିପାଲଙ୍କ ବିରୋଧରେ ଗୁଜବ ପ୍ରଚାର କଲେ ଯେ, ପ୍ରିନ୍ସିପାଲ ହିନ୍ଦୁ ଥିବାରୁ ସେ ହିନ୍ଦୁ ଛାତ୍ରଙ୍କୁ ସୁରକ୍ଷା ଦେଉଛନ୍ତି । ଏହି ଗୁଜବ କ୍ୟାମ୍ପସ ବାହାରକୁ ବ୍ୟାପିଗଲା । ସଙ୍ଗସଙ୍ଗେ ସେହି ଅଂଚଳର ମୁସଲମାନ ଓ ତାଙ୍କର ଧର୍ମଗୁରୁମାନେ ଏକାଠି ହୋଇଗଲେ । ବିରୋଧ କଲେ ହିନ୍ଦୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ । ପୋଡିଦେଲେ ତାଙ୍କର ମୋଟର ସାଇକେଲ । ପୋଲିସ ପହଁଚି ନିଜକୁ ଅସହାୟ ମଣିଥିଲା । ପୋଲିସ ଉପସ୍ଥିତିରେ ମୁସଲମାନମାନେ ସେହି ଛାତ୍ର ଓ ପ୍ରିନ୍ସିପାଲ ବେକରେ ଚପଲ ହାର ପିନ୍ଧାଇ ଚାରିଆଡେ ବୁଲାଇଥିଲେ । ଶେଷରେ ପୋଲିସ ଛାତ୍ର ଓ ପ୍ରିନ୍ସିପାଲଙ୍କୁ, ପୋଲିସ ଷ୍ଟେସନକୁ ନେଇଯାଇଥିଲେ । ପରେ ଡିଜିଟାଲ ସୁରକ୍ଷା ନିୟମ ଅନୁଯାୟୀ ଛାତ୍ର ରାହୁଲଙ୍କୁ ଗିରଫ କରାଯାଇଥିବା ବେଳେ ପ୍ରିନ୍ସିପାଲଙ୍କୁ ଛାଡି ଦିଆଯାଇଥିଲା । ଏହାପରେ ପ୍ରିନ୍ସିପାଲଙ୍କୁ କଲେଜରୁ ବିଦା କରି ଦିଆଯାଇଛି । ଏହି ଘଟଣାଟି ହେଉଛି ବଙ୍ଗଳାଦେଶର ମିର୍ଜାପୁର ୟୁନାଇଟେଡ କଲେଜର ଘଟଣା । ବଙ୍ଗଳାଦେଶ ହେଉଛି ମୁସଲମାନଙ୍କ ଦେଶ । ସେଠି ହିନ୍ଦୁମାନଙ୍କ ଉପରେ ଆକ୍ରମଣ ନୂଆକଥା ନୁହେଁ ।

ଭାରତରେ ତ' ହିନ୍ଦୁମାନେ ସୁରକ୍ଷିତ ନୁହଁନ୍ତି । ବଙ୍ଗଳାଦେଶ କଥା ପଚାରେ କିଏ! ନୂପୁର ଶର୍ମା ଘଟଣାରେ ମୁସଲମାନବହୁଳ ରାଷ୍ଟ୍ରରେ ବେକରେ ଚପଲ ହାର ପିନ୍ଧାଇ ବୁଲାଯାଇଥିଲା; କିନ୍ତୁ ଭାରତରେ ହିନ୍ଦୁଙ୍କ ଗଳାକାଟି ହତ୍ୟା କରାଯାଉଛି । ଏହାଠାରୁ ବଡ କଥା ଆଉ କ'ଣ ହୋଇପାରେ । କେବଳ ଜଣେ ହିନ୍ଦୁଙ୍କ ହତ୍ୟା ବିଷୟରେ ନୁହେଁ, ବରଂ ଏହି ଦେଶର ୧୦୦କୋଟି ହିନ୍ଦୁଙ୍କ ସୁରକ୍ଷା ଏବଂ ସେମାନଙ୍କର ମତ ସ୍ୱାଧୀନତା ବିଷୟରେ ଏହି ପ୍ରଶ୍ନ । ଦରଜୀ କହ୍ନେୟାଲାଲ ଇସଲାମ ବିରୋଧରେ କୌଣସି ବିବୃତି ଦେଇଛନ୍ତି କି? କେବଳ ତାଙ୍କର ହ୍ୱାଟଆପ୍ ଷ୍ଟାଟସରେ ନୂପୁର ଶର୍ମାଙ୍କ ଫଟୋ ଥିଲା । ତାହାହେଲେ ନୂପୁରଙ୍କ ଫଟୋ ରଖିବା କ'ଣ ଆଇନ ଅନୁଯାୟୀ ଅପରାଧ କି? କ'ଣ ପାଇଁ ତାଙ୍କୁ ହତ୍ୟା କରାଗଲା? ଏଥିପାଇଁ ହିନ୍ଦୁ ସମାଜ ଜାଗ୍ରତ ହେବା ଆବଶ୍ୟକ । ସେହି ଆତଙ୍କବାଦୀମାନେ କହ୍ନେୟାଲାଲଙ୍କ କେବଳ ଗଳାକାଟି ନାହାଁନ୍ତି । ସେହି ସମୟର ଭିଡିଓ କରି ଭାଇରାଲ କରିଛନ୍ତି ।

ଆଫଗାନିସ୍ତାନରେ ତାଲିବାନ ଓ ଇସଲାମିକ ଷ୍ଟେଟ (ଆଇଏସ କିମ୍ବା ଆଇଏସ୍‌ଆଇଏସ) ଆତଙ୍କବାଦୀମାନେ ଇରାକ ଏବଂ ସିରିଆରେ ଏପରି ଘଟଣାମାନ ଘଟାଉଥିବାର ଆମେ ଦେଖିବାକୁ ପାଇଛୁ । କୌଣସି ଆତଙ୍କବାଦୀ ଘଟଣାକୁ ରୋକିବାରେ ସମାଜ ଏବଂ ସରକାରଙ୍କର ଭୂମିକା ରହିଛି । କିନ୍ତୁ ଦେଖାଯାଉଛି ରାଜସ୍ତାନର କଂଗ୍ରେସ ସରକାର ସେମାନଙ୍କ ବିରୋଧରେ କୌଣସି ଦୃଢ ପଦକ୍ଷେପ ନେବା ବଦଳରେ ତୁଷ୍ଟିକରଣ ରାଜନୀତିରେ ବ୍ୟସ୍ତ ରହିଛି । ଯାହାଫଳରେ ରାଜସ୍ତାନ ଏବେ ଜଳୁଛି ।

କହ୍ନେୟାଲାଲଙ୍କ ହତ୍ୟା ଘଟଣା କଂଗ୍ରେସ ସରକାର ଏବଂ ସେଠିକାର ପ୍ରଶାସନ ଉପରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି । ଯେତେବେଳେ କହ୍ନେୟାଲାଲଙ୍କୁ ମୁସଲମାନ ଆତଙ୍କୀମାନେ ଧମକ ଦେଉଥିଲେ, ପୋଲିସ କାହିଁକି ତାଙ୍କୁ ସୁରକ୍ଷା ଯୋଗାଇ ନ ଥିଲା? ଧମକ ଦେଉଥିବା ଲୋକଙ୍କୁ କାହିଁକି ଗିରଫ କରାଗଲା ନାହିଁ? କହ୍ନେୟାଲାଲ ନିଜ ଜୀବନ ବଂଚାଇବା ପାଇଁ ସୁରକ୍ଷା ମାଗିଥିବା ବେଳେ ପ୍ରଶାସନ କାହିଁକି ନୀରବ ରହିଲା? ଓଲଟା ସେହି ଉଗ୍ରବାଦୀମାନଙ୍କ ଅଭିଯୋଗକ୍ରମେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରି କହ୍ନେୟାଲାଲଙ୍କୁ ଗିରଫ କରିଥିଲା । ଜାମିନ ପାଇବା ପରେ ଯେତେବେଳେ ତାଙ୍କୁ ହତ୍ୟା ଧମକ ଦିଆଗଲା, କହ୍ନେୟାଲାଲ ୧୫ ଜୁନ ୨୦୨୨ରେ ପୋଲିସ ନିକଟରେ ନିଜର ଜୀବନ ବଂଚାଇବା ପାଇଁ ଆକୁଳ ନିବେଦନ କରିଥିଲେ । ପୋଲିସ ଉଗ୍ରବାଦୀମାନଙ୍କୁ ଡାକି ଆପୋଷ ବୁଝାମଣା କରି କହ୍ନେୟାଲାଲଙ୍କୁ ଲୁଚି ରହିବାକୁ ପରାମର୍ଶ ଦେଇ ନିଜର କର୍ତବ୍ୟ ସମାପ୍ତ କରିଥିଲା । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି କଂଗ୍ରେସ ସରକାରଙ୍କର ଅତ୍ୟଧିକ ସଂଖ୍ୟାଲଘୁ ପ୍ରୀତି ପୋଲିସର ହାତ ବାନ୍ଧି ରଖିଛି । ଯାହାଫଳରେ ପୋଲିସ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଇବାରେ ଅସଫଳ ହେଉଛି । ଅନେକ ଥର ସରକାରଙ୍କ ଏପରି ନୀତି ଦୁର୍ନୀତିଗ୍ରସ୍ତ ପୋଲିସମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣି ଦେଉଛି । ସେମାନେ ଏଥିରୁ ସମ୍ପୂର୍ଣ୍ଣ ଫାଇଦା ଉଠାଉଛନ୍ତି ।

ବିଗତ କିଛିଦିନର ଘଟଣାକୁ ଯଦି ବିଶ୍ଳେଷଣ କରିବା, ତାହାହେଲେ ଆମେ ରାଜସ୍ତାନ କଂଗ୍ରେସ ସରକାରରଙ୍କ ମୁସଲମାନ ତୁଷ୍ଟିକରଣ ନୀତି ବିଷୟରେ ସ୍ପଷ୍ଟ ବୁଝିପାରିବା । ୨ ଏପ୍ରିଲ ୨୦୨୨ ହିନ୍ଦୁ ନବବର୍ଷ ଦିନ କରୌଲି ହିଂସା, ହିନ୍ଦୁମାନଙ୍କ ଶୋଭାଯାତ୍ରା ଉପରେ ଆକ୍ରମଣ, ପୋଲିସର ପ୍ରତିକ୍ରିୟା, ସେହି ଲୋକମାନଙ୍କ ପୈଶାଚିକ ଆତ୍ମବିଶ୍ୱାସକୁ ବଢାଇ ଦେଇଥିଲା । ଏହାପରେ ସେମାନଙ୍କର ସାହସ ଆହୁରି ବଢିଯାଇଥିଲା । ଗୋଟିଏ ପରେ ଗୋଟିଏ ଘଟଣା ଘଟାଇ ଚାଲିଲେ । ଯଦି କରୌଲି ହିଂସା ପରେ ସରକାର ଉପଯୁକ୍ତ ପଦକ୍ଷେପ ନେଇଥା'ନ୍ତେ, ତେବେ ଆତଙ୍କୀମାନଙ୍କ ମନରେ ଆଇନର ଭୟ ସୃଷ୍ଟି ହୋଇଥା'ନ୍ତା । କିନ୍ତୁ ତାହା ହେଲାନାହିଁ, ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ପାଇଁ ସରକାର ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଲେ, ଅପରାଧୀମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସେମାନେ ଏବେ ମୁକ୍ତ ଭାବରେ ରାଜରାସ୍ତାରେ ବୁଲୁଛନ୍ତି ।

୨ ମେ' ୨୦୨୨ ଦିନ ଇଦ୍ ନମାଜ ପଢିବା ପରେ ବାହାରକୁ ଆସି ଦଙ୍ଗାକାରୀମାନେ ଜାଲୋରୀ ଗେଟରେ ସ୍ୱାଧୀନତା ସଂଗ୍ରାମୀ ବାଲମୁକନ୍ଦ ବିର୍ସାଙ୍କ ପ୍ରତିମୂର୍ତି ଭଙ୍ଗାରୁଜା କରିବା ସହିତ ଇସଲାମିକ ପତାକା ଉତୋଳନ କରିଥିଲେ । ସଂଖ୍ୟାଲଘୁ ଭୋଟ ଭିକାରୀ ଅସହାୟ କଂଗ୍ରେସ ସରକାର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ' ଦୂରର କଥା କହିଲେ ହଉ ହଉ ହୋଇଗଲା । ସେମାନେ ଜାଣିଶୁଣି ଏପରି କରିନାହାଁନ୍ତି ।

ରାଜସ୍ତାନ କଂଗ୍ରେସ ସରକାରଙ୍କ ଅଣଦେଖା ଏବଂ ପୁଲିସ ପ୍ରଶାସନର ଦାୟିତ୍ୱହୀନତା କାରଣରୁ ଟୋଂକ ଜିଲ୍ଲା ମାଲପୁର ଅଂଚଳରୁ ହିନ୍ଦୁମାନେ ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି । ମାଲପୁରର ହିନ୍ଦୁମାନେ କହିଛନ୍ତି ଯେ, ଏହି ଅଂଚଳରେ ମୁସଲମାନଙ୍କ ସଂଖ୍ୟା ବେଆଇନ ଭାବେ ବୃଦ୍ଧି ପାଉଛି ଏବଂ ସେମାନେ ବିଭିନ୍ନ ଉପାୟରେ ହିନ୍ଦୁମାନଙ୍କୁ ନିର୍ଯାତନା ଦେଉଛନ୍ତି । ପରିସ୍ଥିତି ଅଣାୟତ ହେବାରୁ ବାଧହୋଇ ହିନ୍ଦୁମାନେ ନିଜ ଘର ବିକ୍ରି ପାଇଁ ପୋଷ୍ଟର ଲଗାଇଲେ । ତଥାପି ସରକାରର ନିଦ ଭାଙ୍ଗିନାହିଁ । ପ୍ରଶାସନ ଶୋଇବାର ଅଭିନୟ କରୁଛି ।

ରାଜସ୍ତାନ କଂଗ୍ରେସ ସରକାର ମୁସଲମାନ ତୁଷ୍ଟିକରଣ ପାଇଁ ନିଆଁରେ ଘିଅ ଢାଳୁଛନ୍ତି । ଅଶୋକ ଗେହଲଟ ସରକାରଙ୍କ ଏପରି ଅନେକ କାର୍ଯ୍ୟକଳାପ ଅଛି, ଯାହାକି ଉତେଜିତ ଜନତାଙ୍କୁ ଉତ୍ସାହିତ କରୁଛି । ମୁସଲିମ ତୃଷ୍ଟିକରଣ ପାଇଁ ସରକାରୀ ନୀତି ଆତଙ୍କବାଦକୁ ପ୍ରଶ୍ରୟ ଦେବା ସହିତ ଉଗ୍ରବାଦୀମାନଙ୍କୁ ଉତ୍ସାହିତ କରୁଛି ଏବଂ ହିନ୍ଦୁ ସମାଜରେ ଭୟର ବାତାବରଣ ସୃଷ୍ଟି କରୁଛି ।

ଅକ୍ଟୋବର ୨୦୨୧ରେ, ରାଜ୍ୟରେ ସରକାରୀ ବିଦ୍ୟାଳୟଗୁଡିକର ଅବସ୍ଥା ଖରାପ ଥିବା ସତ୍ତ୍ୱେ, ଏହାର ଉନ୍ନତି ପାଇଁ କୌଣସି ଫଣ୍ଡ ଯୋଗାଇଦେଲେ ନାହିଁ । କିନ୍ତୁ ଏହି ସମୟରେ ସଂଖ୍ୟାଲଘୁମାନଙ୍କୁ ଖୁସି କରିବା ପାଇଁ ସରକାର ପ୍ରତ୍ୟେକ ମଦ୍ରାସାକୁ ୧୫ରୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା କରିଥିଲେ ।

ସେହିଭଳି ଜାନୁୟାରୀ ୨୦୨୨ରେ ମୁସଲମାନମାନଙ୍କର କୌଶଳ ବିକାଶ, ସେମାନଙ୍କୁ ରୋଜଗାର ଯୋଗାଇବା, ୱାକଫ ଜମି କିମ୍ବା ସର୍ବସାଧାରଣ ଜମିରେ କବରସ୍ଥାନ ନିର୍ମାଣ, ମଦ୍ରାସାର ସୀମା କାନ୍ଥ ବା ଚାରିପଟେ ପାଚେରୀ ତିଆରି କରିବା ପାଇଁ ୧୦୦ କୋଟି ଟଙ୍କା ଯୋଗାଇ ଦେଇଥିଲେ ।


ସଂଖ୍ୟାଲଘୁମାନଙ୍କୁ ଖୁସି କରିବା ପାଇଁ ଯେଉଁ ସମୟରେ ଯାହା ଦରକାର ପଡିଲା ରାଜସ୍ତାନର କଂଗ୍ରେସ ସରକାର ତାହା କରିଛନ୍ତି । ମୁସଲମାନମାନଙ୍କ ହୃଦୟ ଜିତିବା ପାଇଁ ନୂଆ ନୂଆ ଆଦେଶ ମଧ୍ୟ ଦେଇଛନ୍ତି । ରମଜାନ ମାସରେ ମୁସଲମାନବହୁଳ ଅଂଚଳରେ ବିଦ୍ୟୁତ ନ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ଦ୍ୱାରା ନିର୍ଦ୍ଦେଶ ଜାରି କରାଯାଇଥିଲା; କିନ୍ତୁ କୌଣସି ହିନ୍ଦୁ ପର୍ବପର୍ବାଣୀରେ ଏପରି ଆଦେଶ ଜାରି କରିନାହାଁନ୍ତି । ଅପରପକ୍ଷରେ ହିନ୍ଦୁ ପର୍ବରେ ଅନେକ ଜିଲ୍ଲାରେ ଧାରା ୧୪୪ ଲାଗୁ କରାଯାଇଥିଲା ଏବଂ ଶୋଭାଯାତ୍ରା କରିବା ପାଇଁ ପୋଲିସର ଅନୁମତି ବାଧ୍ୟତାମୂଳକ କରାଯାଇଥିଲା ।

ରାଜସ୍ତାନରେ ସରକାରଙ୍କଠାରୁ ଏହିପରି ସାହାଯ୍ୟ ସହଯୋଗ, ପ୍ରୋତ୍ସାହନ ପାଇଁ ସେମାନଙ୍କର ମନୋବଳ ବଢିବାରେ ଲାଗିଛି । ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା, ଶୋଭାଯାତ୍ରା ଉପରେ ଟେକା ପଥର ପକାଇବା, ଗୈରୀକ ପତାକା କାଢି ଇସଲାମିକ ପତାକା ଉଡାଇବା, ଗଳାକାଟି ହତ୍ୟା କରିବା, ଭିଡିଓ ତିଆରି କରି ଦେଶର ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ମାରିଦେବା ପାଇଁ ଧମକ ଦେବା ଆଦି ଘଟଣା ପାଇଁ ରାଜ୍ୟ ସରକାରଙ୍କଠାରୁ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ସାହାଯ୍ୟ ମିଳୁଅଛି । ଯଦି ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ସେମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ନକରନ୍ତି ପାକିସ୍ତାନ ସୀମାବର୍ତୀ ଏହି ରାଜ୍ୟରେ ଭାରତର କାଶ୍ମୀର ପରି ପରିସ୍ଥିତି ସୃଷ୍ଟି ହୋଇଯିବ । ଏହାସହିତ ଆତଙ୍କୀ ସଂଗଠନର ସ୍ଲିପର ସେଲ ଏବଂ ନିଯୁକ୍ତି ପାଇଁ ଏକ ନିରାପଦ ସ୍ଥାନ ବୋଲି ପ୍ରମାଣିତ ହେବ । କ୍ଷମତାରେ ତିଷ୍ଠି ରହିବା ପାଇଁ ରାଜସ୍ତାନ ସରକାରଙ୍କ ଏହି କାର୍ଯ୍ୟକଳାପ ଦେଶ ପାଇଁ ଏକ ସତର୍କ ଘଂଟି ହେବ । ଯାହାର ଫଳାଫଳ ଆଜି ଦୃଶ୍ୟମାନ ହେଉଛି ।

*-ଘିଗିଡିଆ, ବାରୁଅ, କେନ୍ଦ୍ରାପଡା*
*ମୋ-୯୮୬୧୦୨୮୫୫୩*




# ଉଦ୍ଧରଣ



ସୁଦର୍ଶନ ମହାପାତ୍ର

ଘର ଭିତରେ ଶୁଭୁଥିଲା ବାପାଙ୍କର ଧଇଁ ଉଠା କାଶ ଶବ୍ଦ।ଆଉ ଘର ଭିତରେ ନିଶାରେ ଚୁର୍ ସ୍ୱାମୀଙ୍କର ଅଶ୍ରାବ୍ୟ ଗାଳି। ଅହଲ୍ୟା କାନ୍ଥକୁ ଆଉଜି ପଥର ପରି ସେମିତି ବସି ରହିଥିଲା। ଖୁବ୍ ଗେହ୍ଲାରେ ବଢିଥିବା ପୁଅ ଏବେ ଢେର ରାତିରେ ଘରକୁ ଫେରେ । ହାତରେ ପିତୃ ଅର୍ଜିତ କଳା ପଇସା । ସାଙ୍ଗମାନଙ୍କ ସହିତ ପାର୍ଟି କରିବା ତା ଜୀବନର ଧାରା ପାଲଟି ଗଲାଣି। ସେ ଏବେ କାହାକୁ ସମ୍ଭାଳିବ ! ଅତୀତଠୁ ବର୍ତ୍ତମାନ ଯାଏଁ ସେ ତ ଖାଲି ପରିସ୍ଥିତିକୁ ସମ୍ଭାଳି ଚାଲିଛି।କେବେ କେବେ ଦେଖିଥିବା ସମ୍ଭାବନାର ସ୍ୱପ୍ନ ସବୁ ଆପେ ଆପେ ଭାଙ୍ଗି ଯାଇଛି। ଅହଲ୍ୟା ଜୀବନ ଯଜ୍ଞରେ ଆହୁତି ହେବାର ଦିବ୍ୟ ଦ୍ରବ୍ୟଟିଏ ସତେ...!

ଅହଲ୍ୟା ମଧ୍ୟବିତ୍ତ ପରିବାରର ଝିଅ। କିରାଣୀ ଚାକିରି କରୁଥିବା ବାପାଙ୍କର ସ୍ୱଳ୍ପ ରୋଜଗାରରେ ଭାଗ ବସାଇବାକୁ ଥିଲେ ଛଅ ଜଣ। ଜେଜେ ବାପା, ଜେଜେ ମା ଙ୍କ ଛଡା ସେମାନେ ତିନି ଭଉଣୀ ଆଉ ବୋଉ। ଅବଶ୍ୟ ଅହଲ୍ୟା ତଳେ ଭାଇଟିଏ ଥିଲା। ହେଲେ ଚାରି ପାଞ୍ଚ ବର୍ଷ ହୋଇଥିବା ବେଳେ କେଉଁ ଏକ ରୋଗରେ ଭାଇ ତା'ର ମରିଯାଇଥିଲା ବୋଲି ସେ ଜାଣେ।ଭାଇ ଯିବାର ଦୁଇ ବର୍ଷ ପରେ ସାନ ଭଉଣୀର ଜନ୍ମ। ତା' ଠାରୁ ଦୁଇ ବର୍ଷ ସାନ ଭାଇର ଜନ୍ମ ପରେ ଢେର ଦିନ ଯାଏ ବୋଉର ଦେହ ଖରାପ ରହୁଥିଲା। ଟିକିଏ ବଡ଼ ହେଲା ପରେ ଦୁର୍ବଳା ବୋଉର କଷ୍ଟ ସହି ପାରେନା ଅହଲ୍ୟା। ଅଯାଚିତ ଭାବରେ କାମରେ ସାହଯ୍ୟ କରିବାକୁ ଆଗଭର ହୁଏ ।ତା ତଳେ ଭାଇଟିଏ ହୋଇ ଥିବାରୁ ଜେଜେ ମା ଖୁବ୍ ପ୍ରଶଂସା କରନ୍ତି ତାକୁ। କିଛି ନବୁଝି ବି ସେ ଖୁସି ହୋଇଯାଏ। ବଡଝିଅ ଅର୍ପିତା ଭଲ ପାଠ ପଢେ ବୋଲି କେହି ତାକୁ କିଛି କାମ କରିବାକୁ ବାଧ୍ୟ କରନ୍ତି ନାହିଁ। ଅହଲ୍ୟା ପଢିବାକୁ ଚାହିଁଲେ ବି କୌଣସି ନା କୌଣସି କାମରେ ଲଗେଇ ଦିଅନ୍ତି ତାକୁ। ସେଇ ଛୋଟ ବେଳୁ ଅନ୍ୟ ମାନଙ୍କ ଖୁସି ପାଇଁ ଧିରେଧିରେ ସେ ଘର କାମ ଶିଖିବାକୁ ଲାଗିଲା। ଆଗ ପଛ ହୋଇ ଜେଜେ, ଜେଜେ ମା ଆରପାରିକୁ ଚାଲିଗଲେ ସିନା, ଅହଲ୍ୟା ସେମାନଙ୍କର ଢେର ସେବା କରିଛି।ତା ପରକୁ ପୁଣି ଭାଇର ଜନ୍ମ। ସ୍କୁଲ ଯିବା ସମୟତକ ବାଦଦେଲେ ତାକୁ ଘରେ ଆଉ ଫୁରସତ ନଥାଏ।ଆଠ ଦଶ ବର୍ଷ ହେଲା ବେଳକୁ ଘରର ଅନ୍ୟାନ୍ୟ କାମ ସହ ରୋଷେଇ ବି କିଛି କିଛି ଶିଖି ଯାଇଥିଲା। ଏତେ ସବୁ ପରେ ବି ଅହଲ୍ୟା ଦଶମ ବୋର୍ଡରେ ଭଲ ନମ୍ବର ରଖି ପାଶ କରିଥିଲା। ହେଲେ ଦଇବର ଇଛା ଥିଲା ଭିନ୍ନ।ଚିରରୋଗିଣୀ ବୋଉ ସମସ୍ତଙ୍କୁ ଛାଡି ଆରପାରିକୁ ଚାଲିଗଲା। ସେତେବେଳକୁ ସାନ ଭଉଣୀ ଅଙ୍କିତା ଖୁବ୍ ଛୋଟ ।ଘର ସମ୍ଭାଳିବାକୁ ଅହଲ୍ୟା ପାଠ ଛାଡିବାକୁ ବାଧ୍ୟ ହେଲା। ଘର କାମ ସହ ସାନ ଭଉଣୀର ଲାଳନ ପାଳନ ଦାୟିତ୍ୱ ତା ଉପରେ ପଡିଲା। ସରକାରୀ ଚାକିରୀ କରିଥିବା ପାତ୍ର ଜଣେ ଅପେକ୍ଷାକୃତ ସୁନ୍ଦରୀ ଅର୍ପିତା କୁ ବିନା ଯୌତୁକ ରେ ବାହା ହେବାକୁ ଇଚ୍ଛା ପ୍ରକାଶ କଲେ। ତା'ର ବାହାଘର ଅଳ୍ପ ଖର୍ଚ୍ଚରେ ହୋଇଗଲା। ବଡଝିଅଟିକୁ ଏକାନ୍ତ ଭଲପାଉଥିବା ବାପାଙ୍କୁ ଏଥର ଯଥାସମ୍ଭବ ଖୁସିରେ ରଖିବାକୁ ଚେଷ୍ଟା କରିଥିଲା ଅହଲ୍ୟା। କାରଣ ଜେଜେମା କହନ୍ତି ଗୋଟିଏ ଝିଅ ପରେ ପୁଣି ଗୋଟିଏ ଝିଅ ହୋଇ ସେ ଜନ୍ମ ହୋଇଥିବାରୁ ବାପା ଖୁବ୍ ମନଦୁଃଖ କରିଥିଲେ। ବାପା ତା ପ୍ରତି ଯେ ସବୁଦିନ ଉଦାସୀନ ଭିତରେ ଭିତରେ ଅନୁଭବ କରେ ବି ସେ। ମାତୃହୀନା ସାନ ଭଉଣୀ ଖୁବ୍ ଗେହ୍ଲାରେ ବଢୁଥିଲା।କ୍ରମେ ଖୁବ୍ ଜିଦଖୋର ଆଉ ଅବାଧ୍ୟ ବି ହୋଇ ଉଠୁଥିଲା । ଅହଲ୍ୟାର ମନେ ଅଛି କୌଣସି ପର୍ବ ପର୍ବାଣୀରେ ଯେମିତି ହେଉ ପଛେ ବଡଝିଅ ପାଇଁ ଡ୍ରେସ କିଣିବାକୁ ବାପା ପଛଉ ନଥିଲେ।ଭାଇ ଥିଲା ପର୍ଯ୍ୟନ୍ତ ତା'ର ବି ନୂଆ ଡ୍ରେସ୍ ହେବା ଥୟ। ସ୍ୱଳ୍ପ ରୋଜଗାରରେ ସମସ୍ତଙ୍କ ପାଇଁ ବେଳେ ବେଳେ ଏକା ସାଙ୍ଗରେ ନୂଆ ଜାମାପଟା କରିବା ସମ୍ଭବ ନଥିଲା। ' ତୋ ପାଇଁ ବାପା ପରେ ଆଣିବେ ' କହି ବୋଉ ଅହଲ୍ୟାକୁ ବୁଝଉଥିଲା। ସେଥର ବଡଭଉଣୀର ପୁରୁଣା ଡ୍ରେସ୍ ନୂଆ ହୋଇ ଅହଲ୍ୟା ଦେହରେ ଶୋଭା ପାଉଥିଲା। ମୁହଁରେ ହସ ଖିଏ ଭରି ଅହଲ୍ୟା ନିଜର କ୍ଷୋଭକୁ ଲୁଚାଇ ରଖିବାକୁ ରୀତିମତ ଚେଷ୍ଟା କରେ। ' ମୋ ସୁନା ଝିଅ ଭଳି କେହି ହେବେନି' କହି ସେଦିନ ବୋଉ ଖୁବ୍ ଗେହ୍ଲା କରେ ତାକୁ। ଅହଲ୍ୟା ଖୁସି ହୋଇଯାଏ।ଅହଲ୍ୟାକୁ ଏବେ ପଇଁତିରିଶ ବର୍ଷ ।ଛଅ ବର୍ଷ ତଳୁ ସାନ ଭଉଣୀ ନିଜ ଇଚ୍ଛାରେ ବାହା ହୋଇ ଯାଇଛି। ଆଉ କେବେ ଘରକୁ ଫେରିନି। ସେଇଦିନୁ ଅସୁସ୍ଥ ଆଉ ଅବସାଦଗ୍ରସ୍ତ ବାପାଙ୍କ ସାଙ୍ଗରେ ରହି ଜୀବନ କଟେଇ ଦେବାକୁ ବଦ୍ଧପରିକର ରହିଲା ଅହଲ୍ୟା। ବାପାଙ୍କୁ ଦେଖିଥାନ୍ତା କିଏ ? କେମିତି ଏକା ରହିଥାନ୍ତେ ସେ ଏ ବୟସରେ। ଗ୍ରାମ ସେବିକା ଚାକିରି କରିଥିବା ଝିଅର ରୋଜଗାରରେ ବାପ ଝିଅ ଦୁହେଁ କୌଣସି ମତେ ଚଳି ଯାଉଥିଲେ। ହଠାତ୍ ଏକ ଦୁଃଖ ଖବର ଆସି ପହଁଚିଲା। ବଡଝିଅ ଅର୍ପିତା ର କ୍ୟାନ୍ସର ହୋଇଛି ବୋଲି ଶୁଣିଲା ପରେ ବାପା ଆହୁରି ଭାଙ୍ଗି ପଡିଲେ। ତା'ର ସେବା ଯତ୍ନ କରିବାକୁ ଅହଲ୍ୟା କୁ ପଠାଇବାକୁ ଜୋଇଁ ଏକରକମ ବାଧ୍ୟ କଲେ। ଚାକିରି ଖଣ୍ଡିକ ଛାଡ଼ି ବାପାଙ୍କୁ ନେଇ ଅହଲ୍ୟା ପହଞ୍ଚିଲା ଭୁବନେଶ୍ୱର ରେ। ବଡ ଭଉଣୀ ର ପୁଅର ଦେଖାଶୁଣା କରିବା ସାଙ୍ଗକୁ ଘର ଦାୟିତ୍ୱ ପାରୁ ପର୍ଯ୍ୟନ୍ତ ସମ୍ଭାଳିଲା।ହେଲେ ସବୁ ପ୍ରକାର ଚେଷ୍ଟା ବିଫଳ ହେଲା।ଅପରେସନ ଏବଂ କେତେଥର କେମୋ ନେଇ ମଧ୍ୟ ଜୀବନ ଯୁଦ୍ଧରେ ହାରିଗଲା ଅର୍ପିତା। ବାପା ଦିନକୁଦିନ ଆହୁରି ରୋଗିଣା ଦିଶିଲେ।

କିଛି ଦିନ ପରେ ଜୋଇଁ ଅହଲ୍ୟା କୁ ବାହା ହେବାକୁ ଶ୍ୱଶୁରଙ୍କ ପାଖରେ ପ୍ରସ୍ତାବ ବାଢିଲେ। ପ୍ରତି ବଦଳରେ ଶ୍ୱଶୁର ବି ତାଙ୍କ ଘରେ ରହି ପାରିବାର ସୁଯୋଗ ପାଇବେ ବୋଲି ଜାଣିଲା ଅହଲ୍ୟା। ଏସବୁ କଥା ଭାବି ଅହଲ୍ୟା ଚୁପ୍ ରହିବାକୁ ଶ୍ରେୟସ୍କର ମନେକଲା। ମିନି ଦେଇ ପୁଅର ଡାକରେ ମାଆ ଏବଂ ମଥାରେ ସିନ୍ଦୂର ପିନ୍ଧିବାର ସୌଭାଗ୍ୟ ପ୍ରାପ୍ତ ହେଲା ଅହଲ୍ୟା କୁ।

ହେଲେ ଏବେ କ'ଣ କରିବ ଅହଲ୍ୟା ? ଆଉ ଅଳ୍ପ ଦିନର ଅତିଥି ତା ବାପା। ସ୍ୱାମୀ ଆଉ ପୁଅର ଅତ୍ୟାଚାର ସହି ପଡିରହିବ ନା ବାପାଙ୍କୁ ନେଇ ବାହୁଡ଼ି ଯିବ ଗାଆଁ କୁ।ବାପାଙ୍କୁ ଏ ବିଷୟରେ ପରାମର୍ଶ ମାଗିଲା। ପ୍ରଥମ ଥର ପାଇଁ ବାପା ଙ୍କ ହାତ ତା ମୁଣ୍ଡରେ ଥିଲା ଏବଂ ଆଖିରେ ଅସହାୟତାର ଲୁହ । ସେ ଜାଣିଲା ଗାଁ ଘର ଡିହ ବିକି ବାପା ସବୁତକ ଟଙ୍କା ଜୋଇଁ ହାତରେ ଧରେଇ ଦେଇଥିଲେ, ଏଇ ଆଶାରେ ଯେ ଶେଷ ସମୟ ପର୍ଯ୍ୟନ୍ତ ଜୋଇଁ ତାଙ୍କର ସାହା ହେବେ। ସେସବୁ ଭାବି ଏବେ ଆଉ କିଛି ଲାଭ ନାହିଁ।

ଅହଲ୍ୟା ଜୀବନର ଗତି କେଜାଣି କେଉଁଆଡେ ପ୍ରବାହିତ ହୋଇ ଚାଲିଛି ? ପୁରୁଣା ଜାମାପ୍ୟାଣ୍ଟ ହେଉ ବା ଖେଳନା ଅବା ମଥାର ସିନ୍ଦୂର ସବୁ ତ ତା'ପାଇଁ ଉଦ୍ଧରଣ ! ନିଜ ପାଇଁ ଜୀବନଟେ ଜୀଇଁବାର ଇଛା ସବୁବେଳେ ତାକୁ ଅହେତୁକ ମନେ ହୋଇଛି। ସମୟର ଦିବ୍ୟ ଛୁଆଁକୁ ପାଷାଣୀଟିଏ ପରି ଅହଲ୍ୟା ଏବେ ବି ପ୍ରତୀକ୍ଷାରତା....!!!

କୁଞ୍ଜବିହାରୀ ଲେନ୍, କଟକ

## ଆମେ ଓ ଆମ ପରିବେଶ

ବାପିନି ସିଂ



ଶ୍ୱରଙ୍କ ସୃଷ୍ଟି ଏ ସମୂହ ସଂସାର
ଉଦ୍ଭିଦ ପ୍ରାଣୀ ଜଗତ
ଏବେ କିନ୍ତୁ ଜମା ଭଲ ଲାଗୁ ନାହିଁ
ଯେବେଠୁ ହେଲା ପ୍ରଦୂଷିତ ।
ଯାନ ବାହାନର ଦୂଷିତ ଧୂଆଁରେ
ନେଲେ ଆମେ ପ୍ରଶ୍ୱାସ
ନିଶ୍ଚିତ ଭାବରେ ଅକାଳରେ ତହିଁ
ପ୍ରାଣ ହେବ ଆମ ଶେଷ ।
ବାଡ଼ି ବଗିଚାରେ ସଡ଼କ କଡ଼ରେ
ଚାରା ଆଣି ପୋତିଦେବା
ଅମୃତ ବାସରେ ପରିବେଶଟିକୁ
ମହକିତ କରିଦେବା ।
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
କଲେ ଆମେ ପରିବେଶ
ଶାନ୍ତ ଚିତ୍ତରେ ସଭିଏଁ ଏକାଠି
କରିପାରିବା ଆମେ ବାସ ।
ଆସ ବନ୍ଧୁଗଣ ଗୋଟେ ଗୋଟେ କରି
ବୃକ୍ଷ ରୋପଣ କରିବା
ଆମ ଚାରିପଟ ଆମ ପରିବେଶ
ଯତ୍ନ ତାହାର ନେବା ।
ପରିବେଶ ପ୍ରତି ଯତ୍ନବାନ୍ ହେଲେ
ହସିବ ପ୍ରକୃତି ରାଣୀ
ସ୍ୱଚ୍ଛ ସମୀରଣ ପ୍ରଶ୍ୱାସେ ଆମର
ପ୍ରବାହିତ ହେବ ପୁଣି ।
ଦାରୁ ମୃତ୍ତିକାକୁ ସଂରକ୍ଷଣ କରେ
ହୁଏ ବର୍ଷାର କାରଣ
କେତେ ଜୀବଜନ୍ତୁ ଲୋଡ଼ିବେ ଆଶ୍ରୟ
କରିବ ସେ ଛାୟାଦାନ ।
ପ୍ରଦୂଷଣ ମୁକ୍ତ ହେଲେ ପରିବେଶ
ବସୁଧା ମା ହସି ଉଠିବ
ଏ ଜୀବ ଜଗତ ଭୋଗିବେନି କ୍ଲେଶ
ଈଶ୍ୱରଙ୍କ ଆଶିଷ ପଡ଼ିବ ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର
ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ଦୂରଭାଷ : ୯୯୩୭୮୨୦୮୩୧

## ବର୍ଷା

ରତ୍ନକାନ୍ତି ମିଶ୍ର



ନୀଳ ନଭେ ଶୋଭେ ମେଘମାଳା ରାଜି
ଆସିଛି ବରଷା ରାଣୀ
ରୁଣୁଝୁଣୁ ଶୁଭେ ପାଦର ପାଉଁଜି
ମଥାରେ ତା'ର ଓଢଣୀ

ନିୟତି ନିୟମେ ପ୍ରାବୃଟ ଆଗମେ
ଉଲ୍ଲସିତ ବସୁନ୍ଧରା
ଆକାଶରୁ କିବା ଖସି ପଡୁଅଛି
ସତେ ଅମୃତର ଧାରା

ବରଷା ପରଶ ପାଇଛି ଚାତକ
ଦୁଃଖକୁ ଯାଇଛି ଭୁଲି
ଥୁଣ୍ଟା ବୃକ୍ଷ ଏବେ ସବୁଜ ପତ୍ରରେ
ହସୁଛନ୍ତି ଖିଲି ଖିଲି

ଦୀର୍ଘ ପ୍ରତିକ୍ଷାନ୍ତେ ଚାଷୀ ମୁଖେ ଆଜି
ଅୟୁତ ସ୍ୱପ୍ନର ହସ
ବନେ ଉପବନେ ଫୁଲରେ ଫୁଲରେ
ପ୍ରଜାପତି ରଚେ ରାସ

ଶ୍ୟାମଳ କୋମଳ ସତେଜ ସୁନ୍ଦର
ଅୟି ପ୍ରକୃତିର ଶୋଭା
ଧରଣୀ ରାଣୀର ନବବଧୂ ବେଶ
ଆହା କେଡେ ମନଲୋଭା

ଗାଆଁ ଗୋହିରୀରୁ ଗନ୍ଧବହ ଆଣେ
କିଆ କେତକୀର ବାସ
ଆକାଶ ମାଟିର ପ୍ରୀତି ଅଭିସାରେ
ରମଣୀୟ ଦଶଦିଶ

ବରଷା ଗୋ ତୁମେ ବିଲୋଳ ଆନନ୍ଦ
ପ୍ରତି ହୃଦ ଉଦ୍ଦୀପନା
କବି ଭାବନାରେ ତୁମେ ସୁରଭିତ
କାବ୍ୟମୟୀ କଳପନା

ଆଳି , କେନ୍ଦ୍ରାପଡା

## ଅଭିମାନର ଇସ୍ତାହାର

ଆଦ୍ୟାଶା ମହାପାତ୍ର



ଏତେ ଦୁଃଖ ଏତେ ଅନ୍ଧାର
ମୋରି ଜୀବନରେ ଢାଳିଦେଲା ବୋଲି
ସଞ୍ଚିତ ଅଭିମାନରେ
ମୋ ଅଭିଯୋଗର ପୁଟୁଳିଟି ଧରି
ଧାଇଁଲି ତା ପାଖକୁ ।

ଭାବିଥିଲି,
ତା ଆଖିରେ ଆଖିରଖି ପଚାରିବି-
ଏତେ ଏତେ ସୁନ୍ଦର ସୁଡୋଳ ଆଖି
ତୋର କଣ ପାଇଁ !
ବାନ୍ଧି ନେ ଅନ୍ଧପୁଟୁଳି ଆଜିଠୁ
ଯଦି କିଛି ଦେଖିବାର ନାହିଁ..

ହେଲେ ପାରିଲି କୋଉଠୁ ...!
ତା ଆଖିରେ ଆଖି ରଖିଲି ତ
କଣ ସବୁ କହିବାର ଥିଲା
ସବୁ ଭୁଲିଗଲି
ମୋର ଇତସ୍ତତଃ ପ୍ରଶ୍ନସବୁ
ଶୂନ୍ୟ ହୋଇଗଲେ
ମାନ ଅଭିମାନ ସବୁ ଲୀନ ହୋଇଗଲା
ତା' ଚକା ଆଖିରେ
ପଛକୁ ଫେରିଲା ପାହୁଣ୍ଡ
ପ୍ରଶ୍ନସବୁ ଗୋଟିଗୋଟି
ପୂର୍ଣ୍ଣଛେଦ ପାଲଟିଲେ
ମୋ ତନ୍ମୟତାରେ.....!!

କିଛି ବି ନ କହି ଲେଉଟି ଆସିଲି
କାମନାର ଇସ୍ତାହାର ଛାଡ଼ି
ଅଶ୍ରୁଳ ନୟନେ ବିଦାୟ ମାଗିଲି
କିଛିଦୂର ଫେରିଆସି
ପଛକୁ ଚାହିଁ ଦେଖେ ତ'
ସେ ଅନିନ୍ଦ୍ୟ ରୂପକନ୍ଧ ହସୁଥିଲା ...!
ରହସ୍ୟମୟ ସେଇ ହସ...
ଶୋଭାପାଉଥିଲା
ରଙ୍ଗା ଅଧରରେ....!!

ନୂଆପଡା , କଟକ

## ବ୍ୟାସବିହାରରେ ମୋର ଅନୁଭୂତି

ଗୋପାଳ ଶବର



ରହିଛି ଯେଉଁଠି ବ୍ୟାସ ବିହାର
ଓଡ଼ିଆ ଭାଷା ସାହିତ୍ୟରେ ଗୌରବ ଯେ ତାର
ଅଟକି ନ ରହି ଚାଲ ଯିବା ଆଜି
ଯେଉଁଠି ମିଳେ ଶିକ୍ଷାର ଭଣ୍ଡାର ।(୧)
ଭାଉଜ ଚା ଦୋକାନରେ
ଖଟି ହୁଏ ଡେଲି ଏଠି
ଚର୍ଚ୍ଚା ହୁଏ ପ୍ରେମ ଗପ ଠାରୁ ରାଜନୀତି ଯାଏଁ
ସରେ ନାହିଁ ଖଟା ଖଟି ।(୨)
ସଂଧ୍ୟା ସଂଧ୍ୟା ଭିଡ଼ ଭାରି ଲାଗେ
ଭାଉଜଙ୍କ ଦୋକାନରେ
ଭାଉଜ ବୋଲି ସବୁ ଟୋକା ଟୋକି
ଯାଆନ୍ତି ଲାଖି ଭାଉଜ ପ୍ରେମରେ ।(୩)
ଆଦାନ ପ୍ରଦାନ ହୁଏ ଏଠି
ପ୍ରେମର ସଉଦା
ଭାଇ ଥିଲେ ବି ଚାଲେ ଏଠି
ପ୍ରେମର ମଉକା ।(୪)
ବିନୟୀ ପ୍ରେମିକ ମାନେ
ଗାଡ଼ିରେ ଆସନ୍ତି ବସି
କିଏ ଦେଖିଦେଲେ ଟିକେ
ଲାଜେଇ ମୁରୁକି ଦିଅନ୍ତି ହସି ।(୫)
ଧୀରେ ଧୀରେ ଆସି ପହଞ୍ଚି
ଗଲେଣି ଗୁପ୍ ଚୁପ୍ ଭାଇ
ରହି ନ ପାରନ୍ତି ସୁନ୍ଦରୀ ଯୁବତୀ
ଲମ୍ବା ଚୁଟିକୁ ଛାଡ଼ି ଆସନ୍ତି ଧାଇଁ ।(୬)
କଥା ଶୁଣୁଥିଲେ ଶୁଣୁ ଥିବ ଏଠି
ହୋଇଯିବ ମୁଣ୍ଡ ବ୍ୟଥା
ଥରେ ଶୁଣି ଦେଲେ ହୋଇଯିବ ଫ୍ରି
ବ୍ୟାସକବିଙ୍କର କଥା ।(୭)
ଭଲ କାର୍ଯ୍ୟ କରିବା ପାଇଁ
ନିହାତି ଜରୁରୀ ଏଠି
ମୋବାଇଲ୍ ଚାର୍ଜ ସରିବାକୁ ଗଲେ
ଷ୍ଟାଟସ୍ ଦେବାକୁ ଭୁଲିବିନି ଏଠି ।(୮)
ଏତେ ବଡ଼ ଦୁନିଆ ରେ
ଆଉ କେହି ନାହିଁ
ବଞ୍ଚିବା ପାଇଁ ହେଲେ
ଶିକ୍ଷା ବିନା ସମ୍ଭବ ନାହିଁ ।(୯)
ବହୁତ୍ ଦୂରରୁ ଆସିଛି
ଧାଇଁ ଶିକ୍ଷା ଲାଭ ପାଇଁ
ବ୍ୟାସ ବିହାର ଠାରେ ପହଞ୍ଚିବା ପାଇଁ
ସୂର୍ଯ୍ୟ ଆଗମନ ପାଇଁ ।(୧୦)
ନୀରବ ଆଜି ମୁଁ
ଫେରିବା ବାଟକୁ ଚାହିଁଛି ବସି
ଆଉ କେବେ ଦେଖା ହେବ
ଏହି ବ୍ୟାସ ବିହାର ଝୁରୁଥିବି ବସି ।(୧୧)

ସ୍ନାତକୋତ୍ତର ଭୂଗୋଳ ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର , ବାଲେଶ୍ୱର
ଦୂରଭାଷ : ୭୩୨୮୮୯୮୦୭୫

## ତୃପ୍ତତା

ଅନସୂୟା ପଣ୍ଡା



ଯେବେ ସ୍ୱପ୍ନ ଥାଏ ଅଗଣାରେ
ଇଚ୍ଛା ଥାଏ ମନର ଏରୁଣ୍ଡିରେ
ଆଶା ଥାଏ ହାତ ମୁଠାରେ
ଜୀବନ କଳ କଳ ନାଦରେ
ଦଉଡେ ପ୍ରଗଳଭତାରେ
ଖୁସି କୂଳ ଲଂଘୁଥାଏ
ପରିତୃପ୍ତିର ପତିଆରାରେ।
ଆତ୍ମାର ଗଳି କନ୍ଦି କୋଣ କୋଣ
ଭରିଯାଏ ପ୍ରୀତି ଫୁଲର ସୁରଭି
ସୁବାସିତ କରିଦିଏ ସ୍ତର ସ୍ତର ଆବର୍ଜନା ଚିରି
ଜିଜ୍ଞାସା ସରିଯାଏ
ମନ ତୃପ୍ତିରେ ଡିଏଁ ଝିଣ୍ଟିକାଟେ ପରି।
ମୃତ୍ୟୁ ଯେ ଚିର ସତ୍ୟ
ଆସିବାରେ ନୁହେଁ ମୁଁ ବ୍ୟଥିତ
ଭୂଷଣ ମୋ ମଧୁର
ବଚନ ଶରଚ୍ଚନ୍ଦ୍ରପ୍ରଭ
ଭଲପାଏ ଶମାର୍ଥୀ ମଣିଷ ମନକୁ
ବାଣ୍ଟିଚାଲେ ମୁଁ ସମସ୍ତଙ୍କଠାରେ ନିଜକୁ
ନାଚି ଗାଇ ସାରିଦେବି ତୃପ୍ତିରେ ବଳକା
ଆୟୁଷକୁ।

ସମ୍ବଲପୁର

## ଦ୍ୱାହି

ପ୍ରଶାନ୍ତ ଚନ୍ଦନ



ଜାଣି, ଜାଣି
ଅଜାଣତ ହୋଇ
ପୁଣି ଅନ୍ୟକୁ ଡରାଇବା
କ'ଣ ଭଲ...
ନୁହେଁ ନା ମାତ୍ର ଏମିତି ହୁଏ
ଯେ ରାତି କାହିଁକି
ଦିନ ଦି'ପହରରେ ବି
କହି ଦିଅନ୍ତି
କ'ଣ କହିବି ତା'କୁ
ଆକଟ ନା ବାରଣ ବା
ଅନ୍ଧବିଶ୍ୱାସ ନା କୁସଂସ୍କୃତି ବୋଲି
ପାଟି କଲେ ରାଗ
ଗାଳି ଧମକ ଚମକ ହୋ ହଲ୍ଲା,
ନା ଥାଏ ସେଥିରେ ବି ପାର୍ଥକ୍ୟ
ସହର କି ଗାଁ...
ଯାହା ଉବୁକି ଆବୁକି ହୋଇ
ତଥାପି ଯେକୌଣସି ମତେ
ପହଞ୍ଚି ଗଲେ
ସହଜ ସୁବିଧାରେ ଯେ
ଅସ୍ୱାଭାବିକ ହୋଇଯାଏ
କାହାଣୀ ଓ ଚାହାଣି ଦ୍ୱୟ ନୁହଁ
ନା ଶିକ୍ଷୀତ ବି ବୋଲିବାକୁ ଲାଗେ
ଯେମିତି ମୁର୍ଖ
ସେମିତି ହୋଇଯାଏ ପୁଣି ଖରାପ...
ହଁ ଦେଖ ଆଉ କ'ଣ ରହିଲା ବେଳକୁ
ମନେ ପକାଇ ଦେଲା ପରି
କହି ଦିଅନ୍ତି ବୋକା ବୋଲି
ପରିଭାଷା କ'ଣ ନା
ମୁଁ ହୋଇଗଲି କି
କହିବାକୁ ହୁଏ ଆଜି...
ନଚେତ୍ ଗତ ବିଗତ ହୋଇ, ହୋଇ
ଆଗେଇଲା ବେଳକୁ
କ'ଣ କହିହୁଏ ଛାଡ
ସେ ରିତୀ
ବର୍ତ୍ତମାନକୁ ନେଇ ତର୍ଜମା କଲେ
ସ୍ଥିତି ସହ ପାଲି ଧରିବ କି ଆଉ
ଆସନ୍ତା କାଲି...
ତା'ଛଡା କେମିତି କହିବି
ଜୀବନ ବି ଏମିତି ଦୋ ଜକି
ବିଲେଇର ବାଟ କଟା
ପେଚାର ଦର୍ଶନ, କୁମ୍ଭାଟୁଆ,
ବିଲୁଆ, ବେଙ୍ଗର ରଡ଼ି ପରି
ଆହୁରି ଅନେକ ଯେ ( କହନ୍ତି
ତିଥି, ବାର, ମାସ ପରି ବି )
ଠିକ୍ ମୋ ପରି
ବ୍ୟତିକ୍ରମ ହେଲା ପରି
ହୋଇଯିବ ତମ ସହ ବି ତ
ଯେ ତା'କୁ ନେଇ କ'ଣ କହିବ
କୁହ ଦେଖି,
ତମ ବିଜ୍ଞତା ଭିତରର
ଅନନୁଭବତାର ଦ୍ୱାହି...
ନା ଯାହା କ୍ରମଶଃରୁ କ୍ରମଶଃ
ହୋଇ ହେଲେ ହେବନି କି
ଅଭିଜ୍ଞତାର ମାପ କାଠି,
ନା ସେଠି ବି ଅପାରଗ ଶବ୍ଦଟି
ରୂପାନ୍ତରିତ ହୋଇ
ହସ, କୌତୁକରେ
ପରିବର୍ତ୍ତନ ହେବନି କେବେ ବି... !!

ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୬୩୭୦୦୬୪୭୯୨

## ମନର ମୃତ୍ୟୁ

ରମାକାନ୍ତ ଦାସ



କିଏ କେବେ ଶୁଣିଛ...... ?
ମନର ମୃତ୍ୟୁ କଥା
କିଏ କେବେ ଅନୁଭବ କରିଛ...... ?
ମନର ମୃତ୍ୟୁକୁ
ହେଲେ ମୁଁ ଅନୁଭବ କରିଛି
ମନର ମୃତ୍ୟୁକୁ ॥

ବିକ୍ଷିପ୍ତ ଅନ୍ଧାରର
ନିଶବ୍ଦ ପ୍ରହରରେ
ପ୍ରତିଦିନ ମନ ମୃତ୍ୟୁବରଣ କରେ
ବନ୍ଦ କୋଠରୀ ଭିତରେ
ଯମରୂପୀ ସ୍ମୃତି ସବୁ
ଗତି ବୈଦୁତିକ ତରଙ୍ଗ ଭଳି
ଫେରିଆସନ୍ତି ମନ ଭିତରକୁ
ଅନାବନା ଭାବନା ସବୁ
ବନ୍ଦି କରିଦିଅନ୍ତି ମନକୁ
ଅରମା ଅଶାମାନେ
ମାଡିଯାନ୍ତି ମନ ଉପରେ
ଚାହିଁଲେ ବି ମନ
ପ୍ରତିହତ କରିପାରେ ନାହିଁ
ନିଜର ସୁରକ୍ଷା ବଳୟ ॥
ଅସୀମ ଯନ୍ତ୍ରଣା ଦାଉରେ
ଛଟପଟ ହୁଏ ମନ
ଆଶାୟୀତ ଭାବନା ସବୁ
ଘୁରିବୁଲନ୍ତି ମନର ଚତୁପାର୍ଶ୍ୱରେ
ଚିତ୍କାର କରେ ମନ
କାନ୍ଦିଉଠେ ଆଖି
ପଥଭୁଲା ଝରଣା ପରି
ଝରିଯାଏ ଲୁହ ସବୁ
ଯମରୂପୀ ସ୍ମୃତିର ଆଘାତରେ
ଆଘାତ ହୁଏ ମନ
ସହିପାରେନାହିଁ ଅସୀମ ଯନ୍ତ୍ରଣା
ଶେଷରେ ନିରୁପାୟ ହୋଇ
ଜଳେ ସେ ବିରହ ଯୁଇରେ ॥

ନନ୍ଦିଗ୍ରାମ , ନାଉଗାଁ ,
ଜଗତସିଂହପୁର
ମୋ-୯୬୭୮୮୧୫୩୬୯

## ବରଷା ଆସେଲୋ

ରମେଶ ଚନ୍ଦ୍ର ନାୟକ



ବରଷା ଆସେଲୋ ବରଷା ଆସେ
ଗୀରିଷମ ଶେଷେ ଆଷାଢ଼ ମାସେ,
ଘୋଟଇ ବାଦଲ ଆକାଶ ଦେଶେ
ଟପ୍ ଟପ୍ ହୋଇ ଜଳ ବରଷେ ।

ଘଡ ଘଡି ନାଦେ କମ୍ପଇ ମହୀ
ଚକ୍ ଚକ୍ ମାରି ବିଜୁଳି ହସେ,
ସପତ ରଙ୍ଗର ଇନ୍ଦରଧନୁ
ରୂପକୁ ସଜେଇ ସୁନ୍ଦର ଦିଶେ ।

ସାରୁ ବୁଦା ମୂଳେ ବେଙ୍ଗୁଲି ନାନୀ
କଟର କଟର ଶବଦ ଘୋଷେ ,
ନାଳି ଗୁଲୁ ଗୁଲୁ ସାଧବ ବୋହୂ
ଧୀରେ ଧୀରେ ଚାଲେ ସବୁଜ ଘାସେ।

ଭାଙ୍ଗେ ଘର ଦ୍ୱାର ଗଛ ପତର
କେତେ ବିଲ ବାଡି ଝଡ଼ ବତାସେ ,
କାଦୁଅରେ ଭରା ଦାଣ୍ଡ ଗୋହିରୀ
ଚଲା ବାଟଟିରେ ଗୋଡଟି ଖସେ ।

ନାନା ଜାତି ପକ୍ଷୀ ଦଳକୁ ଦଳ
ଉଡ଼ି ବୁଲୁଥାନ୍ତି ମନ ହରଷେ ,
ଚାଷୀ ଭାଇ ଆମ ଆନନ୍ଦ ମନେ
ଲଙ୍ଗଳ ମୁନରେ ବିଲକୁ ଚଷେ ।

ଜଗତର ନାଥ ଶ୍ରୀ ଜଗନ୍ନାଥ
ରଥରେ ବସିବେ ନୂତନ ବେଶେ ,
ଭାଇ ଭଉଣୀ ଯେ ସାଥିରେ ଥିବେ
ବାନ୍ଧି ପକାଇବ ? ସେନେହ ଫାଶେ ।

କେଶରପୁର , ବକ୍ସି ବଜାର ,କଟକ
ମୋ :- ୭୯୭୮୧୫୧୭୧୦.

## ବର୍ଷା

ସଂଜୀବ କୁମାର ଦାଶ



ଅନନ୍ୟ ଉଚ୍ଚତାକୁ ଆକାଶର,
ଝଲସାଇ
ଓଲହେଇ ଆସ, ତୁମେ,ଧୀରେ,
କଳା ମେଘ ଓଢଣୀ ତଳେ ଧରିଛ,
ସଂଭ୍ରମଲାଜରେ ଯେଉଁ
ଅମୃତ କଳସୀ,
ସେଥିରୁ ଝରିଯାଅ ବିନ୍ଦୁ ବିନ୍ଦୁ,
ଆଁ କରି ଚାହିଁଛି,
ସେ ଘର୍ମାକ୍ତ ଚାତକ,
ଫଟା ମଟାଳ, ଆଉ
ବିଦଗ୍ଧ ମାଟିର ଶୁଖିଲା ଫୁତ୍କାର!!

ଆଃ.... ବର୍ଷା....
ବହୁ ପ୍ରତିକ୍ଷୀତ ତୁମ,
ଶିରି ଶିରି ଉଡାଣିଆ
ସେ କାଲୁଆ ସମ୍ପାତ,
ଉତ୍କର୍ଣ୍ଣ ସେ ହିଡ଼ବାଡି, ବନ ଉପବନ,
ଆରମ୍ଭିବ ଚତୁର୍ମାସ୍ୟା,
ଶ୍ୟାମା ରୂପବେଶେ,
ନଦୀରେ ଖେଳିବ ଉଦ୍ଧତ ଭଉଁରୀ,
ସଞ୍ଚରିବ ଅଙ୍ଗେ ଅଙ୍ଗେ,
ପ୍ରତି ନୂଆଁ ସକାଳରେ,
ସଜଫୁଟା ଅନୁଭବର ଲହଡି!!!!

ବାଦଲ ଚିରି ବିଞ୍ଚି ଦିଅ,
ମଲହାର ଛନ୍ଦରେ ନାଚୁ
ମନର ମୟୂରୀ,
ପ୍ରେୟସୀ ବୁକୁରେ ବନ୍ୟା,ପ୍ରୀତିର
ରାଗିଣୀ,
ଛାତିତଳୁ ଭାସିଯାଉ,
ଦୁର୍ଭାବନାର ଯେତେ,
କୁଢ଼ କୁଢ଼ ଅରମା , ପୁତିମୟ ଧୂଆଁ,
ପୁଳିନ,କାନନ ସବୁଠେଇଁ, ମହକିଯାଉ
ସଜ ଅଙ୍କୁରର ପ୍ରାଣମୟ ବାସ୍ନା,
ବିକ୍ଷିପ୍ତ ଇଚ୍ଛାଗୁଡା ହୋ'ନ୍ତୁ ଏକମୁହାଁ,
ସାକାର ଲଭୁ ନବକଳିକାର
ରାତିପାହାନ୍ତା ସ୍ୱପ୍ନ,
ବର୍ଷି ଯାଅ ପୁଣି ଥରେ,
ତୁମେ ବର୍ଷା!!!!

ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଦେବଗଡ ମହାବିଦ୍ୟାଳୟ
ମୋ ୯୪୩୭୭୩୯୫୭୭

## ମୁଁ ବର୍ତ୍ତିକା

କୃଷ୍ଣା ମିଶ୍ର



ତୁମେ ତ ଛୁଇଁଛ ଏଇ ସଂତପ୍ତ ମୋ
ତନୁ!
ଅନୁଭବିଛ ମୋର କୋହସିକ୍ତ ମନ!
କଅଁଳ ସ୍ୱରରେ ତୁମ,
କାରୁଣ୍ୟ ଶବ୍ଦର ସମ୍ପୁଟ!
କୁହ, 'ଏମିତି ହସୁ ଥାଅ''.....
ହଁ, ମୁଁ ବର୍ତ୍ତିକା!
ଜଳି ଜଳି ଏମିତି ହସୁଛି,
ହସୁଥିବି........

ଜାଣିଛି ମୁଁ,
ନୟନ ପିତୁଳାରେ ମୋ
ଉତ୍ସର୍ଗର ଲହ ଲହ ଶିଖା!
ଅଧର ଜ୍ୱଳନ୍ତ ଅଙ୍ଗାର,
ସ୍ମିତ, ମନ୍ଦ ହସି କରେ
ଚଉଦିଗ ଉଜ୍ଜ୍ୱଳ!
ହେଲେ ମୁଁ ତ,
ତମସାର ବିଶାଳ ଛାତିରେ ,
ସାଥୀ ଟିଏ ଖୋଜି ପାଇଛି!
ମୁଁ ବର୍ତ୍ତିକା,
ଜଳି ଜଳି ଏମିତି ହସୁଛି!!

ଅନେକ ତାରକା ର ଉଜ୍ଜ୍ୱଳତାରେ ଫିକା
ଫିକା ମୋ ଅସ୍ତିତ୍ୱ,
କେବେ ଅସୀମ ଗଗନ, କେବେ
ତରୁଲତା ର ଫାଙ୍କ ଦେଇ,
ଜହ୍ନ ଆଖି ମିଟିକା ମାରୁଛି!
ତୋଫାନ ରେ କ୍ଷଣିକ ଦିଗ ବଦଳିଲେ
ବି ପ୍ରାଣ ବତୀଟି ମୋ ଜଳୁଛି....
ମୁଁ ବର୍ତ୍ତିକା !
ଜଳି ଜଳି ଏମିତି ହସୁଛି!

ଡି/୩, ଜିନ୍ଦଲ ସ୍କୁଲ
ହାଉସିଙ୍ଗ କଲୋନୀ,
ରାୟଗଡ଼, ଛତିଶଗଡ
ମୋ - ୯୩୦୧୦୧୨୩୩୩

## ହରହର ବୋଲବମ୍

ସୁନୀଲ କୁମାର ପ୍ରଧାନ

ରାବଣ ଆସିଲା କାଉଡ଼ିଆ ଭାଇ
ଢାଳିବ ନଦୀର ନୀର
ବୋଲବମ୍ ସ୍ୱରେ କମ୍ପନ ହୁଅଇ
ସ୍ୱର୍ଗରୁ ପଡ଼ଇ ଧାର ।
ମାନସିକ ପାଇଁ ଭକ୍ତ ଗଣ ସବୁ
ଚଳନ୍ତି ଶିବଙ୍କ ଦ୍ୱାରେ
ଜଳଭାର ନେଇ ହରଙ୍କ ମଥାରେ
ଢାଳନ୍ତି ଭକ୍ତ ସତ୍ୱରେ ।
କେତେ ଆଶା ନେଇ ମାନସିକ ଧାରି
ଚାଲିଥାନ୍ତି ବହୁ ଦୂର
ମନରେ ଭକତି ଜାଗରଣ କରି
ପାଇବାକୁ ଶିବ ବର ।
ନଦୀର ଜଳ କୁ ଆଣି ଭକ୍ତ ସବୁ
ବାଲୁକା କରି ସ୍ଥାପନ
ପୂଜାର୍ଚ୍ଚନା କରି ବାହୁଙ୍ଗି ସାଥିରେ
ଚଳନ୍ତି ଭକ୍ତ ବହନ ।
ଶ୍ରାବଣ ମାସରେ ଏହି ପର୍ବ ଗୋଟି
ଅଟଇ ମହତ୍ୱ ପୂର୍ଣ୍ଣ
ନିଜେ ନିଜ ହାତେ ବାହୁଙ୍ଗି ଧରିଣ
ହରଙ୍କ ପାଖେ ରଖି ମନ ।
ତୁଣ୍ଡରେ ହରଙ୍କ ନାମ ସୁମାରିଣ
ମନରେ ଶକତି ବହି
ଶିବଙ୍କ ଆଶିଷେ ବହୁ ବହୁ ଦୂର
ଆସନ୍ତି ଭକତ ଭାଇ ।
ଦୁଇ ବର୍ଷ ହେଲା କୋରନା ଆସିଲା
ଢାଳିନାହିଁ ନଦୀ ଜଳ
ତୁମ ଦୟା ହେଲେ ଆହେ ମହାଦେବ
ତୁଟିବ ସବୁ ବିଫଳ ।
ତେଣୁ କରି ଭାଇ ଆସ ଯିବା ଧାଇଁ
ହରଙ୍କ କରୁଣା ପାଇଁ
ସେ ପରା ଚାହିଁଲେ ବିପଦ ଟଳିବ
ଆହା କି କରିବେ ସାଇଁ ।

ଝାଟିପଦର, ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## ପହିଲି ବରଷା

ସୁଧାକର ରାଉତ



ପହିଲି ବରଷା ବରଷି ଗଲେ ମୋ
ଅଗଣାରେ ଅଦିନରେ
ଘର ଭିତରର ତାପେ ରୁନ୍ଧି ହୋଇ
ପଦାକୁ ଧୀରେ ବାହାରେ ।
ବରଷା ଧାରାର ପ୍ରତି ଟୋପା ଧରି
ତୁମ ସ୍ମୃତି ଶୁଭ୍ର ଶା ?!
ନେସି ହୋଇଯାଏ ମୋ ଫୁଙ୍ଗୁଳା ଦେହେ
ତାକୁ ଧରଇ ମୁଁ ଭିଡି ।
ଚଗଲା ପବନ ଛୁଆଁ ରେ ବରଷା
ବିନ୍ଦୁ ନାଚେ ଥେଇ ଥେଇ
ଅମାନିଆ ମନ ମତୁଆଲା ହୁଏ
ଆଞ୍ଜୁଳାଏ ତହୁଁ ପିଇ ।
ତୁମର କୋମଳ ପରଶ ଲଭେ ମୁଁ
ଯେବେ ତାର ଆୟୁ ବଢେ
ଥମିଲେ ବରଷା ବସା ବାନ୍ଧି ଥିବା
ତୁମ ସ୍ମୃତି କିବା ଛାଡେ ?
ପହିଲି ବର୍ଷା ର ଭିଜା ମନେ ଆସେ
ତୁମର ପହିଲି ଛୁଆଁ
ତୁମ ନୀରବ ଅଧରର ଯେବେ
ବରଷୁ ଥିଲା ସେ ନିଆଁ ।
ବେପଥୁ ଜଗାଇ ମୋ ତନୁରେ ତୁମ
ମୁଖ ମଣ୍ଡଳ ଦର୍ପଣେ
ଅସୁମାରୀ କାହାଣୀ ଲେଖି ଚାଲଇ
ସତେ କେ ତାକୁ ବଖାଣେ ?
ମଇଳା ଛୁଇଁ ନଥିବା ସେ ଦର୍ପଣ
ସଦା ଲାଗୁଥିଲା ନୂଆ
ଥୁଣ୍ଟା ଗଛରେ ବି ନୂଆ କଢି ଦିଏ
ତୁମ ମନ ତଳ ନିଆଁ ।
ମୋ ମନ ନୁଖୁରା ନଣ୍ଡା ପାହାଡ଼ରୁ
ଶୁଖିଲା ଝରଣା ପୁଣି
ସ୍ରୋତ ସ୍ୱିନୀ ହୁଏ ପହିଲି ବର୍ଷାରେ
ବହି ଚାଲେଇ ଉଜାଣି ।

ପ୍ରତାପ ନଗରୀ, କଟକ
ମୋ ୮୨୪୯୯୩୨୭୯୨


## କବର

ନିରଞ୍ଜନ ସାହୁ



ସ୍ୱପ୍ନମାନେ ଯେବେ କବର ନେଲେଣି
ବଞ୍ଚିବାର ମାନେ ନାହିଁ
ବଞ୍ଚିବା ନାଆଁରେ ବଞ୍ଚିଛି ସିନା ମୁଁ
ଜୀବନର ସ୍ୱାଦ କାହିଁ
ଆଖିରେ ସପନ ଭରିଥିବା ବେଳେ
ବଞ୍ଚିବା ଲାଗଇ ଭଲ
କେତେକେତେ ସ୍ୱପ୍ନ ଉଙ୍କି ମାରିମାରି
ହେଉଥାନ୍ତି ହଲଚଲ
ଆଜି ଆଖି ଅଛି ନିଦ ବି ଭରୁଛି
ରହିଛି ସପନ ଚାହିଁ ।
ସ୍ୱପ୍ନମାନେ ସବୁ ହଜିଯିବା ପରେ
ଜୀବନଟା ପାଣିଚିଆ
ରଙ୍ଗହୀନ ଲାଗେ ସ୍ୱାଦହୀନ ଲାଗେ
ଏଠି ଭାବ ଦିଆନିଆ
ପିଣ୍ଡରେ ପରାଣ ଥାଏ ଜାଗରଣ
ଜଡତା ଭରିକି ତହିଁ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬




# ଗୋକର୍ଣ୍ଣିକାରେ ରବିନ୍ଦ୍ର ଭାରତୀ ପୁସ୍ତକ ଲୋକାର୍ପିତ



ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ପୁସ୍ତକ ଲୋକାର୍ପଣ ଓ ସମ୍ବର୍ଦ୍ଧନା ଉତ୍ସବ ଆଜି ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶ୍ୱଭାରତୀର ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ମହେଶ୍ୱର ପାଢୀଙ୍କ ସମ୍ପାଦନାରେ 'ରବିନ୍ଦ୍ର ଭାରତୀ' ପୁସ୍ତକକୁ ଉନ୍ମୋଚନ କରି ସାହିତ୍ୟ ହିଁ ବ୍ୟକ୍ତିର ଅନ୍ତର୍ନିହିତ ସ୍ୱରକୁ ଶୁଣାଇପାରିବ । ସାହିତ୍ୟ ସେବା ଭଳି ବାସିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ କୋଲାଣ୍ଡ ବିଶ୍ୱବିଦ୍ୟାଳୟ ଚାଇଁବାସାର ପ୍ରଫେସର ଡ. ସତ୍ୟପ୍ରିୟ ମହାଳିକ ଯୋଗଦେଇ ସମାଲୋଚକଟିଏ ହିଁ ସ୍ରଷ୍ଟାକୁ ଓ ତାର ସୃଷ୍ଟିର ନୂତନତ୍ୱକୁ ଲୋକଲୋଚନକୁ ଆଣିଥାଏ । ଡ. ରବିନ୍ଦ୍ର ବିହାରୀ ଜଣେ ବିଶିଷ୍ଟ ସମାଲୋଚକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡ. ଶିରିଶ ଚନ୍ଦ୍ର ଜେନା, ଡ. ବାସନ୍ତୀ ମହାନ୍ତି, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ରବିନ୍ଦ୍ର ବିହାରିଙ୍କ ଲେଖା ଓ ରବିନ୍ଦ୍ର ଭାରତୀ ପୁସ୍ତକ ଉପରେ ଆଲୋକପାତ କରିଥିଲେ । ଏହି ପୁସ୍ତକ ସମ୍ପାଦନା କରିଥିବା ମହେଶ୍ୱର ପାଢ଼ୀ ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଡ. ବିହାରୀ ତାଙ୍କ ସାହିତ୍ୟ ରଚନା ସମ୍ପର୍କରେ ମତପ୍ରକାଶ କରିଥିଲେ । ଗୋକର୍ଣ୍ଣିକା ସାହିତ୍ୟ ସମାଜ ସମ୍ପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପିକା ଡ. ହିମାଦ୍ରୀତନୟା ମିଶ୍ର ସଭା ସଂଚାଳନା କରିଥିଲେ । ଏହି ଅବସରରେ ଗୋକର୍ଣ୍ଣିକା ବିଶେଷ ସଂଖ୍ୟାକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ରବିନ୍ଦ୍ର ଭାରତୀ ପୁସ୍ତକରେ ଲେଖିଥିବା ସାରସ୍ୱତ ସାଧକ ଡ. ବସନ୍ତ କିଶୋର ସାହୁ, ଡ. ବିରଂଚି କୁମାର ସାହୁ, ଡ. ଗୌତମ ଜେନା, ଡ. ରାଜକିଶୋର ପାଢୀ, ଡ. ମନ୍ମଥ କୁମାର ପ୍ରଧାନ, ଡ ଅଭିମନ୍ୟୁ ବରାଳ , ଡ. ବିଧୁଭୁଷଣ ପଣ୍ଡା, ଡ. କଳ୍ପନା ମହାନ୍ତି, ଡ. ଶିରିଶ ଜେନା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉପେନ୍ଦ୍ର କୁମାର ପୃଷ୍ଟି, ଡ. ବାସନ୍ତି ମହାନ୍ତି, ଡ. ଅଜୟ କୁମାର ପଣ୍ଡା, ଡ. ସତ୍ୟପ୍ରିୟ ମହାଳିକ, ଅଧ୍ୟାପକ ନୂତନ ମହାନ୍ତି, ଅଧ୍ୟାପକ ସୁବ୍ରତ ଦାସ, ଅଧ୍ୟାପକ ମହେଶ୍ୱର ପାଢୀ, ଡ. ସୁମନ୍ତ ନାୟକ, ଡ. ଅଭୟ କୁମାର ଦାସ, ଡ. ହିମାଦ୍ରୀ ତନୟା ମିଶ୍ର, ଅଧ୍ୟାପିକା ରଶ୍ମୀରାଣୀ ଦାଶ, ଡ. ଜିତେନ୍ଦ୍ର କୁମାର ଦାସ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ତୁହିନାଂଶୁ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରତିଧ୍ୱନୀ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର





ଫୁଲନଖରା (ପିଏନ୍)-ସାମାଜିକ ସଂଗଠନ 'ପ୍ରତିଧ୍ୱନୀ' ପକ୍ଷରୁ ସଦର ଥାନା ଅଧିନ ବିଶିପଦାଠାରେ ଥିବା ଶହିଦ ସ୍ମୃତି ବିଦ୍ୟାପୀଠ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ନିଆଳି ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦକୁମାର ମଲିକ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଲିପିକା ରାୟ, ବିଜୟଲକ୍ଷ୍ମୀ ମହାପାତ୍ର, ମୃତ୍ୟୁଂଜୟ ମହାନ୍ତି, କିଶୋର ବେଉରା, ମୀନକେତନ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଡା. ବିଶ୍ୱଜିତ ପ୍ରଧାନ, ଡା. ନିହାରରଂଜନ ଖୁଣ୍ଟିଆ ଓ ଡା. କିଷନ ମଲିକ ଶହେରୁ ଉର୍ଦ୍ଧ୍ୱ ଲୋକଙ୍କ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦବକ୍ଷ ଓ ଦନ୍ତ ଆଦିର ପରୀକ୍ଷା କରି ଆବଶ୍ୟକ ଜରୁରୀ ଚିକିତ୍ସା ପରାମର୍ଶ ଦେଇଥିଲେ। ଏହି ଅବସରରେ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା। ପ୍ରଣବ ବିଶ୍ୱାଳ, ଜ୍ୟୋତିପ୍ରଭା ସ୍ୱାଇଁ, ଅଜୟ ବିଶ୍ୱାଳ, ଆଲୋକ ସ୍ୱାଇଁ, ସବ୍ୟସାଚୀ ବିଶ୍ୱାଳ, ପ୍ରବୀର ମହାନ୍ତି ଓ କୈଳାସ ବେଉରାଙ୍କ ସମେତ 'ପ୍ରତିଧ୍ୱନୀ' ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ।

# ଜାରକା ବଜାରରେ ଡ୍ରେନେଜ୍ ବ୍ୟବସ୍ଥା ଫେଲ୍



ଧର୍ମଶାଳା (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ମୁଖଶାଳା କୁହାଯାଉଥିବା ଜାରକା ବଜାରରେ ଡ୍ରେନେଜ୍ ବ୍ୟବସ୍ଥା ଫେଲ୍ ମାରିଛି । ବର୍ଷାପାଣି ନିଷ୍କାସନ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଡ୍ରେନ୍ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା କାମରେ ଆସୁନାହିଁ। ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି। ବର୍ଷାଦିନ ଆସିଲେ ଜାରକା ଗୋପବନ୍ଧୁ ଛକରୁ ଶାନ୍ତିବଜାର ଯାଏ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ପ୍ରବାହିତ ହେଉଛି। ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀଙ୍କ ଦୀର୍ଘଦିନର ଦାବି ପରେ ଜାରକା ତଳ ବଜାରରେ ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ୍ ନିର୍ମାଣ କରାଯାଇଥିଲା। ଏଠାରେ କମ୍ ଗଭୀର ଓ ଅଳ୍ପ ଚଉଡାର ଡ୍ରେନ୍ କରାଯାଇଥିବାରୁ ଏଥିରେ ପର୍ଯ୍ୟାପ୍ତ ବର୍ଷାଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ଲଗାଣ ବର୍ଷା ହେଲେ ରାସ୍ତାରେ ଦୀର୍ଘଦିନ ପର୍ଯ୍ୟନ୍ତ ବର୍ଷାଜଳ ପ୍ରବାହିତ ହେଉଛି । ସେହିପରି ନିକଟରେ ଥିବା ମାଛ ବ୍ୟବସାୟୀ, ଜଳଖିଆ ଦୋକାନୀ ଓ ସ୍ଥାନୀୟ ବାସିନ୍ଦା ସେମାନଙ୍କ ମଇଳା ପାଣି ରାସ୍ତାକୁ ଛାଡ଼ି ଦେଉଛନ୍ତି। ଏହା ବର୍ଷା ପାଣିରେ ମିଶିଯିବାରୁ ଦୁର୍ଗନ୍ଧ ହେଉଛି । ବଜାରରେ ଗନ୍ଧମୟ ପରିବେଶରେ ଚଳପ୍ରଚଳ କରିବା ବ୍ୟବସାୟୀ, ଗ୍ରାହକ ଓ ଅଞ୍ଚଳବାସୀଙ୍କ ପାଇଁ କଷ୍ଟଦାୟକ ହେଉଛି। ସେହିପରି ଲଗାଣ ବର୍ଷା ହେଲେ ନିକଟସ୍ଥ ଦେଉଳିପାଳ ପାହାଡର ଗଡାଣିଆ ପାଣି ଜାରକା ବଜାରରେ ପ୍ରବେଶ କରୁଛି । ଏହା ବଡବଜାର ଦେଇ ତଳ ଅଞ୍ଚଳରେ ପ୍ରବାହିତ ହେଉଛି। ପରେ ଡ୍ରେନ୍‌ର ନର୍ଦ୍ଦମା ପାଣିରେ ମିଶି ଏହା କେତେକ ଦୋକାନ ଏବଂ ଲୋକଙ୍କ ଘରେ ପଶିଯାଉଛି। ଆନନ୍ଦ ବିହାର ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବା ବେଳେ ଏଠାରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ବାରମ୍ବାର ଅଞ୍ଚଳବାସୀ ଡ୍ରେନେଜ୍ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସଠିକ୍ ଭାବେ ନିଷ୍କାସନ ବ୍ୟବସ୍ଥା କରାଯାଇ ନଥିବାରୁ ବିଭିନ୍ନ ସ୍ଥାନରେ ବର୍ଷାପାଣି ମାସ ମାସ ଧରି ଜମି ରହୁଛି। ସେମିତି ବର୍ଷା ଲାଗି ରହିଲେ ଜାରକା ଲକ୍ଷ୍ମୀ ବଜାର, ବର୍ଜୁନଗର, ଶୈଳଶ୍ରୀ ବିହାର, ରାଜୀବ ବିହାର, କୁମାରୀ ଆଦି ବିଭିନ୍ନ ସ୍ଥାନରେ ପାଣି ଜମିରହିବା ସହିତ ଅନେକଙ୍କ ଘରେ ବର୍ଷାପାଣି ପଶିଯାଉଛି । ୧୬ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କରୁଥିବା ଡିବିଏଲ୍ ଠିକାସଂସ୍ଥା ପକ୍ଷରୁ ଜାରକା ବଜାରର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଉଛି । ଏଥିରେ ବର୍ଷାଜଳ ନିଷ୍କାସନ ନହୋଇ ଆପ୍ରୋଚ୍ ରୋଡ୍‌ରେ ଜମିରହୁଥିବା ଦେଖିବାକୁ ମିଳୁଛି । ପ୍ରାୟ ୧୦ବର୍ଷ ପୂର୍ବେ ଜାରକା ଉପର ବଜାରର ବିଭିନ୍ନ ସ୍ଥାନରେ ବର୍ଷାଜଳ ନିଷ୍କାସନ ନିମନ୍ତେ ଏକାଧିକ ଡ୍ରେନ୍ ନିର୍ମାଣ ହୋଇଛି। ହେଲେ ଏହାକୁ ସଫା କରାଯାଉନାହିଁ । ବ୍ୟବସାୟୀଙ୍କ ଅଳିଆ ଆବର୍ଜନାରେ ଡ୍ରେନ୍ ପୋତି ହୋଇ ଯାଉଥିବାରୁ ଏଥିରେ ଆବଶ୍ୟକ ପରିମାଣର ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ । ବଜାରରେ ସରକାରୀ ଜମି ଜବରଦଖଲ ହଟାଇ ପ୍ରଶସ୍ତ ଡ୍ରେନ୍ ନିର୍ମାଣ କରାଗଲେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଗୋପୀନାଥଙ୍କ ସେବାରେ ଲାଗିଲା ବ୍ରହ୍ମ କମଳ ଫୁଲ



ଖୋର୍ଦ୍ଧା (ପିଏନ)-ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମର ବ୍ରାହ୍ମଣ ସାହିର ଶିବଶଙ୍କର ଦାଶଙ୍କ ଘରେ ଜଗନ୍ନାଥଙ୍କ ଲାଗି ଚାରୋଟି ବ୍ରହ୍ମ କମଳ ଫୁଲ ଫୁଟି ଥିବାର ଦେଖିବାକୁ ମିଳିଥିଲା। ଏ ନେଇ ପରିବାର ପକ୍ଷରୁ ସ୍ଥାନୀୟ ଗୋପୀନାଥ ଦେବଙ୍କ ସେବାରେ ଫୁଲକୁ ଦିଆଯାଇଥିଲା। ଏହି ଫୁଲକୁ ଦେଖିବାକୁ ସ୍ଥାନୀୟ ଅଂଚଳରେ ଭିଡ ଲାଗି ରହିଥିଲା।

# ବେଗୁନିଆ ଥାନା ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା (ପିଏନ)-ଦେଶ ଓ ରାଜ୍ୟରେ କରୋନା ମହାମାରୀ ଦିନକୁ ଦିନ କାୟା ବିସ୍ତାର କରୁଥିବା ବେଳେ ବେଗୁନିଆ ଥାନା ପକ୍ଷରୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ବେଗୁନିଆ ଥାନା ଅଂଚଳର ବଡବେରଣା, ସାନପଦର, ବେଗୁନିଆ ଓ ଡିଙ୍ଗର ଆଦି ଅଂଚଳରେ ପହଂଚି ସାମାଜିକ ଦୂରତା ରକ୍ଷାକରିବା, ମାସ୍କ ବ୍ୟବହାର କରିବା, ଅଯଥା ଜନଗହଳି ସ୍ଥାନକୁ ନ ଯିବା ଓ ସାନିଟାଇଜର ବ୍ୟବହାର କରିବା ଆଦି ପ୍ରଚାରକରାଯାଇଥିବାର ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କଠାରୁ ପ୍ରକାଶ ।

# ଜବର ଦଖଲ ଉଚ୍ଛେଦ କଲା ପ୍ରଶାସନ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ନେଉଳପୁର ଛକ ନିକଟ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସରକାରୀ ଜମିରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଦୀର୍ଘବର୍ଷ ହେଲା ନେଉଳପୁର ଗଳିପୋଲ ନିକଟରେ ସେକ୍ ଆଶାତୁଲ୍ଲାଙ୍କ ପରିବାର ଲୋକେ ଘର କରି ରହୁଥିଲେ। ଏବେ ଜାତୀୟ ରାଜପଥ ସଂପ୍ରସାରଣ ହେଉଥିବା ବେଳେ ଏଠାରେ ବାଇପାସ୍ ରୋଡ୍ ଓ ଡ୍ରେନ୍ ନିର୍ମାଣ କରାଯାଉଛି । ତେବେ ରାସ୍ତା ପାର୍ଶ୍ୱରେ ଘର କରିଥିବା ଆଶାତୁଲ୍ଲାଙ୍କୁ ଜମି ଖାଲି କରିବାକୁ ଦାୟିତ୍ୱରେ ଥିବା ଡିବିଏଲ୍ ଠିକାସଂସ୍ଥା ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେ ଉକ୍ତ ଜାଗା ଛାଡ଼ି ନ ଥିଲେ । ପଲିଥିନ୍‌ଘେରା ଝାଟିମାଟି ଘର ଭାଙ୍ଗିବାପାଇଁ ଠିକାସଂସ୍ଥା ତାଙ୍କୁ କ୍ଷତିପୂରଣ ପ୍ରଦାନ କରିଥିଲା। ଏହାସତ୍ତ୍ୱେ ଘରମାଲିକ ସ୍ଥାନ ଛାଡ଼ିବା ପରିବର୍ତ୍ତେ ଚାଳିଆଘର ପଛପଟେ ବେଆଇନ ଭାବେ ସରକାରୀ ଜମିରେ ଏକ କୋଠାଘର ନିର୍ମାଣ କରୁଥିଲେ । ଏ ସଂପର୍କରେ ଠିକାସଂସ୍ଥା ନିକଟରୁ ଅଭିଯୋଗ ପାଇ ତହସିଲ ପ୍ରଶାସନ ପୁଲିସ୍ ଉପସ୍ଥିତିରେ ବୁଲଡ଼ୋଜର ଲଗାଇ ଆଶାତୁଲ୍ଲାଙ୍କ ଘର ଭାଙ୍ଗି ଦେଇଛି। ଏହାକୁ ନେଇ ଆଶାତୁଲ୍ଲାଙ୍କ ପରିବାରରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସ୍ଥାୟୀ ଘର କରିବା ପାଇଁ ସେମାନଙ୍କୁ ଜମି ଓ ଆବାସ ପ୍ରଦାନ କରିବାକୁ ଦାବି କରିଛନ୍ତି ।

# ସରସ୍ୱତୀ ଶିଶୁ ମନ୍ଦିର ସ୍ୱ-ନକ୍ଷତ୍ର ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସ୍ୱ-ନକ୍ଷତ୍ର ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ନେଇ ସ୍ଥାନୀୟ ଗ୍ରାମର ଚିକିତ୍ସାଳୟ, ଅଙ୍ଗବାଡ କେନ୍ଦ୍ର-୨ ଓ ଶିଶୁ ମନ୍ଦିର ପରିସରରେ ଅଁଳା, ଗଙ୍ଗଶିଉଳୀ, ଲିମ୍ବ, ବଉଳ, ଅର୍ଜୁନ, କଦମ୍ବ, କୃଷ୍ଣଚୁଡା, ରାଧାଚୁଡା, ବର, ଓସ୍ତ ଓ ନଡିଆ ଗଛ ସମେତ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା । ଏଥିରେ ଖୋର୍ଦ୍ଧା ବିଭାଗ ନିରୀକ୍ଷକ ସୁଧିର କୁମାର ନାୟକ, ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର, ସଂକୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା, ଖୋର୍ଦ୍ଧା ସଂକୁଳ ସଂଯୋଜକ ଗିରିଶ କୁମାର ମହାପାତ୍ର, ଅନୁଷ୍ଠାନର ସଭାପତି ମାନସରଞ୍ଜନ ଦାଶ, ଉପ-ସଭାପତି ରାଜଶ୍ରୀ ପଣ୍ଡା, ସମ୍ପାଦକ ଶ୍ରୀକାନ୍ତ ବାହିନୀପତି, ବିଦ୍ୱତ ପରିଷଦ ସଭାପତି ଦିଲ୍ଲୀପ କୁମାର ପାଣିଗ୍ରାହୀ, ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ବଂଶିଧର ପାଣିଗ୍ରାହୀ, ସ୍ଥାନୀୟ ଚିକିତ୍ସାଳୟର ଫାର୍ମାସିଷ୍ଟ ଚିତରଞ୍ଜନ ହରିଚନ୍ଦନ, ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ନରସିଂହ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ମହାପାତ୍ର, ହରିହର ପାଣିଗ୍ରାହୀ, ରାଧାମୋହନ ବାହିନୀପତି, ଶିଶିର କୁମାର ଆଚାର୍ଯ୍ୟ, ତ୍ରିଲୋଚନ ପାଣିଗ୍ରାହୀ, ପ୍ରଭାତ କୁମାର ପଣ୍ଡା, ଗଣେଶ୍ୱର ଦାଶ, ବିଶ୍ୱନାଥ ମହାପାତ୍ର, ଯୁଗଳକିଶୋର ସ୍ୱାଇଁ, ନୀଳମଣି ମହାପାତ୍ର, ତ୍ରିଲୋଚନ ପାଣିଗ୍ରାହୀ ଓ ଚକ୍ରଧର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ଓ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ।

# ଧର୍ମଶାଳା ବିଜେପିର ଜୋନ୍‌ସ୍ତରୀୟ ମଣ୍ଡଳ ସଭାପତି ନିଯୁକ୍ତ

ଧର୍ମଶାଳା (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେପିର ୫ ଗୋଟି ଜୋନର ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଶନିବାର କୁଆଖିଆଠାରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ମାନସ ମାହାନ୍ତି, ଯାଜପୁର ଜିଲ୍ଲା ବିଜେପି ପ୍ରଭାରୀ ସାରଧା ଶତପଥୀ, ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ପ୍ରମୁଖ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଥିଲା । ଧର୍ମଶାଳା ବିଜେପି ପକ୍ଷରୁ ପାଂଚଜଣ ଜୋନସ୍ତରୀୟ ମଣ୍ଡଳ ସଭାପତିଙ୍କ ନାମକୁ ବିଜେପି ନେତ୍ରୀ ସ୍ମୃତିରେଖା ପହି ଘୋଷଣା କରିଛନ୍ତି । ନିର୍ବାଚନମଣ୍ଡଳୀର ୧୧ନଂ ଜୋନର ମଣ୍ଡଳ ସଭାପତି ଭାବେ ହେମନ୍ତ ଆଚାର୍ଯ୍ୟ, ୧୨ନଂ ଜୋନର ମାନସ ମହାନ୍ତି, ୧୩ ନଂ ଜୋନର ତପନରଂଜନ ମାହୁନ୍ତ, ୧୪ ନଂ ଜୋନର ଅର୍ଜୁନ ନାୟକ ଓ ୧୬ ନଂ ଜୋନର କୁଳମଣି ମଲିକଙ୍କୁ ନିଯୁକ୍ତି ଦିଆଯାଇଛି । ନବନିଯୁକ୍ତ ମଣ୍ଡଳ ସଭାପତିମାନଙ୍କୁ ଜାରକାସ୍ଥିତ ବିଜେପି କାର୍ଯ୍ୟାଳୟରେ ଦଳ ପକ୍ଷରୁ ସ୍ୱାଗତ ଜଣାଯାଇଥିଲା ।

# ହିନ୍ଦୁସ୍ତାନ ହେଲପିଙ୍ଗ ହ୍ୟାଣ୍ଡସ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ



ଫୁଲନଖରା (ପିଏନ୍)-ସାମାଜିକ ସଂଗଠନ 'ହିନ୍ଦୁସ୍ତାନ ହେଲପିଙ୍ଗ ହ୍ୟାଣ୍ଡ୍‌ସ' ତରଫରୁ ସଦର ଥାନା ଅନ୍ତର୍ଗତ ନଛିପୁର ଅଞ୍ଚଳରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶ୍ରୀ ସନ୍ନ୍ୟାସୀଜୀ, ଡଃ. ପ୍ରଦୀପ୍ତକୁମାର ନାୟକ, ଡଃ.ସଚ୍ଚିଦାନନ୍ଦ ପ୍ରଧାନ, ନିମାଇଁଚରଣ ଜେନା, ବୈକୁଣ୍ଠନାଥ ସାହୁ, ଭରତଚନ୍ଦ୍ର ଜେନା, ଡଃ. ପି. ଶ୍ରୀନିବାସ, ଜୟପ୍ରକାଶ ଦଣ୍ଡପାଟ, ଡଃ. ପ୍ରଦୀପକୁମାର ରଥ, ଡଃ. ପ୍ରତିମା ମିଶ୍ର, ଡଃ. ଶରତକୁମାର ରଥ, ଅଭିମନ୍ୟୁ ଦାସ, ଅନାଦିଚରଣ ଦାସ, ପ୍ରତାପକୁମାର ମହାପାତ୍ର ପ୍ରମୁଖ ଅତିଥିରୂପେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଭିନ୍ନ କିସମର ବୃକ୍ଷରୋପଣ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଅନୁଷ୍ଠାନ ପ୍ରତିଷ୍ଠାତା ବାସୁଦେବ ପାତ୍ର, ସଭାପତି ମାନସ ନାୟକ, ଦିବ୍ୟକାନ୍ତ ରଥ ପ୍ରମୁଖ ହେଲପିଙ୍ଗ ହ୍ୟାଣ୍ଡ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajnan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବାଲି ଦରବୃଦ୍ଧି ପ୍ରତିବାଦରେ ଟ୍ରାକ୍ଟର ମାଲିକ ସଂଘ ଆସନ୍ତା ୨୫ ରୁ ରାଜରାସ୍ତାକୁ ଓହ୍ଲାଇବ

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲାରେ ବାଲିର ଦର ବୃଦ୍ଧି ପାଇଁ ପ୍ରଶାସନ ପଦକ୍ଷେପ ନେଉଥିବାରୁ ଦୀର୍ଘ କୋଡ଼ିଏ ଦିନ ଧରି ଟ୍ରାକ୍ଟର ସବୁ ବନ୍ଦ ରହିଛି। ଫଳରେ ଘର ନିର୍ମାଣ କରୁଥିବା ଲୋକେ, ଠିକା କାମ କରୁଥିବା ଠିକାଦାର ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ବାଲି ପରିବହନ ଦରବୃଦ୍ଧି ନିଷ୍ପତି ପୂର୍ବରୁ କୌଣସି ଠିକାଦାର, ଟ୍ରାକ୍ଟର ମାଲିକ କିମ୍ବା ନିର୍ମାଣ ଠିକାଦାରଙ୍କ ମତାମତ ନ ନେଇ ପ୍ରଶାସନ ଏକଛତ୍ରବାଦ ଭାବେ ନିଷ୍ପତି ନେଇଥିବା ଅଭିଯୋଗ ହୋଇଛି। ଯାହା ବେନିୟମ ଓ ଅଗଣତାନ୍ତିକ। ଏହି ଦର ଫୁଲବାଣୀର ପଟୁବାଲି ପାଇଁ ପ୍ରଜୁଜ୍ୟ ନୁହେଁ। ଫୁଲବାଣୀର ପଟୁବାଲି କୌଣସି ପଲସ୍ତରା ମେଜିଆ ବା ଛାତ କାମରେ ଲାଗୁନାହିଁ। ତେଣୁ ଏହି ଦରବୃଦ୍ଧି ଜନସାଧାରଣଙ୍କୁ ଅତ୍ୟଧିକ ହେବ। ବାରମ୍ବାର ଏନେଇ ଅନୁରୋଧ ସତ୍ତ୍ୱେ ଜିଲା ପ୍ରଶାସନ ଶୁଣୁ ନଥିବାରୁ ଟ୍ରାକ୍ଟର ମାଲିକ ସଂଘ ଆସନ୍ତା ଜୁଲାଇ ୨୫ ତାରିଖ ଠାରୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସୂଚନା ଦେଇଛନ୍ତି। ବାଲିଘାଟ ନିଲାମ କରି ବାଲି ରୟାଲିଟ ଆଦାୟ କଲେ ପେନାଲିଟି ବା ଫାଇନ ପଡିବ ନାହିଁ। ଯାହାଫଳରେ ସୁବିଧାରେ ବାଲି ପରିବହନ ହୋଇପାରିବ। ବର୍ତ୍ତମାନ କୋଡ଼ିଏ ଦିନ ବନ୍ଦ ଫଳରେ ମୂଲିଆ ମଜୁରିଆ କାମ ବିନା ନାହିଁ ନଥିବା ହଇରାଣ ହେଉଛନ୍ତି। ଖାଇବା ପିଇବା ପାଇଁ ଅସୁବିଧା। ଟ୍ରାକ୍ଟର ମାଲିକମାନେ ବ୍ୟାଙ୍କ ଋଣ କିପରି ଶୁଝିବେ। ଡ୍ରାଇଭର ଦରମା କେଉଁଠୁ ଦେବେ ତୁରନ୍ତ ଏହାର ସମାଧାନ ନ କଲେ ସାଧାରଣ ଜନତା କୁଲି ମୁଲିଆ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଟ୍ରାକ୍ଟର ମହାସଂଘର ଉପଦେଷ୍ଟା ଅଶୋକ ପରିଡା ଓ ସମ୍ପାଦକ ଅମରେନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଜଙ୍ଗଲରୁ ଚଢାଉ ମଦ ଓ ପୋଚ ଜବତ

ଜୟପୁର, (ପି.ଏନ): ଜୟପୁର ସଦର ଥାନା ଅନ୍ତର୍ଗତ ଗଡପଦର ନିକଟ ଜଙ୍ଗଲ ଉପରେ ଅବକାରୀ ବିଭାଗ ଚଢାଉ କରି ୮ ଶହ ଲିଟର ପୋଚ ଓ ୯୦ ଲିଟର ଦେଶି ମଦ କୁ ଜବତ କରିବା ସହ ନଷ୍ଟ କରିଛି। ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଚଢାଉ କରିଥିଲା। ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଜଙ୍ଗଲରୁ ଚମ୍ପଟ ମାରିଥିବା ବେଳେ ୫ଟି ମଦ ଭାଟି ମଧ୍ୟ ଭାଙ୍ଗି ଥିବା ଜଣାଯାଇଛି। ଚଢାଉ ରେ ଅବକାରୀ ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ଚଢାଉ କରିଥିବା ଜଣାଯାଇଛି।

# ନିଖୋଜ ଭିନ୍ନକ୍ଷମ ନାବାଳକଙ୍କୁ ଉଦ୍ଧାର କଲେ ସାମ୍ବାଦିକ ଓ ମହିଳା ସମାଜସେବୀ

କନ୍ଧମାଳ,(ପି.ଏନ): ନିଖୋଜ ଭିନ୍ନକ୍ଷମ ନାବାଳକଙ୍କୁ ଉଦ୍ଧାର କରି ପୋଲିସରେ ଜିମା ଦେଲେ ସାମ୍ବାଦିକ ଓ ମହିଳାସମାଜସେବୀ। କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ଗଡ଼ଗାବାଲି ଗାଁ ର ଅନ୍ତିମ ମଳିକ ନାମକ ଜଣେ ଭିନ୍ନକ୍ଷମ ନାବାଳକ ଗତ ଦୁଇଦିନ ହେବ ନିଖୋଜ ଥିଲେ, ଆଉ ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ସନ୍ଧାନ ପାଇନଥିଲେ। ଦାରିଙ୍ଗବାଡି ବ୍ଲକ ସାମେଲକିଆରେ ଜଣେ ଭିନ୍ନକ୍ଷମ ନାବାଳକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ଶିକ୍ଷକ କୁନାଲ ପାତ୍ର ତାଙ୍କୁ ପଚରାଉଚୁରା କରିବା ସହିତ ସେ ଭୋକିଲା ଥିବାରୁ ତାଙ୍କୁ ପ୍ରଥମେ ଖାଇବାକୁ ଦେଇ ବାଲିଗୁଡାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ ସାଙ୍ଗେ ସାଙ୍ଗେ ସାମ୍ବାଦିକ ପ୍ରମୋଦ ଦଣ୍ଡସେନା ତୁରନ୍ତ ନାବାଳକଙ୍କୁ ଉଦ୍ଧାର ପାଇଁ ନିଜ ଫେସବୁକ ଏକାଉଣ୍ଟ ଓ ବିଭିନ୍ନ ୱାଟ୍ସଅପ ଗ୍ରୁପରେ ନିଖୋଜ ନାବାଳକଙ୍କ ଫଟୋ ଛାଡିଥିଲେ। ଖବର ପାଇ ପରିବାର ଲୋକେ ସାମ୍ବାଦିକଙ୍କୁ ଯୋଗାଯୋଗ କରିଥିଲେ। ସାମ୍ବାଦିକ ପ୍ରମୋଦଙ୍କ ସମେତ ଭାରତୀୟ ଜନତା ଦଳର ଯୁବମୋର୍ଚ୍ଚା ଉପ ସଭାପତି ତଥା ସମାଜସେବୀ କୁସୁମ ପ୍ରଧାନ, ନାରୀନେତ୍ରୀ ରଶ୍ମିରେଖା ନାୟକ ରାତିରେ ସାମେଲକିଆ ଯାଇ ନାବାଳକଙ୍କୁ ଉଦ୍ଧାର କରିଥିଲେ ଏବଂ ବାଲିଗୁଡା ଥାନାରେ ଜିମା ଦେଇଥିଲେ। ସକାଳୁ ପରିବାର ଲୋକେ ନାବାଳକଙ୍କୁ ଥାନାରୁ ନିଜ ଘରକୁ ନେଇଥିଲେ।

### ଜଳଯୋଗାଣ ଓ ନଦୀ ବନ୍ଧ କାର୍ଯ୍ୟ ତଦାରଖ କଲେ ମୁଖ୍ୟଯନ୍ତ୍ରୀ

ସାଲେପୁର,(ପି.ଏନ): ମହାନଦୀ ଉତରମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀଙ୍କ ଅଧିନସ୍ଥ ଥିବା କେନ୍ଦୁପାଟଣା, ନଗସପୁର ଓ ପୁନ୍ଦାଳ ଉପଖଣ୍ଡ କାର୍ଯ୍ୟାଳୟ ମାଧ୍ୟମରେ ହୋଇଥିବା ବିଭିନ୍ନ ନଦୀବନ୍ଧ କାର୍ଯ୍ୟ ଓ କେନାଲ ଜଳଯୋଗାଣ ବ୍ୟବସ୍ଥାକୁ ମୁଖ୍ୟଯନ୍ତ୍ରୀ ତଦାରଖ କରିଛନ୍ତି। ହୀରାକୁଦର ଫାଟକ ଖୋଲାଯିବା ପରେ ନଦୀରେ ଆସିବାକୁ ଥିବା ବନ୍ୟାଜଳର ସ୍ଥିତିକୁ ଲକ୍ଷ୍ୟ କରି ବୁଧବାର ଦିନ ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଭକ୍ତରଂଜନ ମହାନ୍ତି, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, କଟକ ଉତ୍ତରମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀ ଆର୍ତତ୍ରାଣ ସାହୁ, କେନ୍ଦୁପାଟଣା ଉପଖଣ୍ଡ ସହନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲ୍ଲିକ, ପୁନ୍ଦାଳ ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ନାୟକ, ସହକାରୀ ଯନ୍ତ୍ରୀ ଇତିଶ୍ରୀ ପ୍ରଧାନ, ରାଜେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ। ଖରିଫ ଧାନଚାଷ ପାଇଁ କେନାଲ ସଫେଇ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ଯିବା ପାଇଁ ସମସ୍ୟା ଉପୁଜିବା ସଂକ୍ରାନ୍ତ ଅଭିଯୋଗ ହେବା ପରେ ସେମାନେ କେନ୍ଦ୍ରାପଡାର ମୁଖ୍ୟ କେନାଲ ସମେତ ଏହାର ବିଭିନ୍ନ ଶାଖା ପ୍ରସାଖା କେନାଲ ଓ ପୁନ୍ଦାଳ ଶାଖା କେନାଲ, କରାଣ୍ଡିଆ ଶାଖା କେନାଲ ଆଦି ତଦାରଖ କରିବା ପରେ ଏହାର ଶେଷ ମୁଣ୍ଡରେ କିଭଳି ପାଣି ପହଂଚିପାରିବ ସେନେଇ ଆଲୋଚନା କରି ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ବନ୍ୟାଜଳର ସ୍ରୋତ ଦ୍ୱାରା ନଦୀବନ୍ଧକୁ ସୁରକ୍ଷା ଦେବା ପାଇଁ ହୋଇଥିବା ବିଭିନ୍ନ ପଥର ପ୍ୟାକିଂ କାର୍ଯ୍ୟ ବିଶେଷ କରି କେନ୍ଦୁପାଟଣାର କଦମକଣ୍ଠା ଓ ନାଗାମଠ ନିକଟସ୍ଥ ହୋଇଥିବା ପଥର ପ୍ୟାକିଂ କାର୍ଯ୍ୟରେ ମାଟି ଥିବାରୁ ସେଗୁଡିକ ବର୍ଷାରେ ଧୋଇ ହୋଇ ଯାଇଥିବା ଦେଖି ବିରକ୍ତି ପ୍ରକାଶ କରିଥିଲେ। ଚଳିତ ବର୍ଷ ନଦୀର ବନ୍ୟାଜଳ ପରିସ୍ଥିତିକୁ ସଠିକ୍ ଭାବେ ପରିଚାଳନା କରିବା ସହିତ ଚାଷୀମାନଙ୍କ ଜମିରେ ଯେଭଳି ଜଳସେଚନର କୌଣସି ସମସ୍ୟା ନ ଉପୁଜେ ସେଥିପାଇଁ ତୀକ୍ଷ୍ଣ ନଜର ଦେବା ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପଞ୍ଚାୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଲି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି। ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା। କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ। ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣଷି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି। କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି। ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଳାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି। ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।

# ଉତ୍କଳ ଖଦୀ ମଣ୍ଡଳ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ପିଏନ)- ଉତ୍କଳ ଖଦୀ ମଣ୍ଡଳ ପକ୍ଷରୁ କେଦାର ଲେନ୍, ଗାନ୍ଧୀ ଭବନ ପରିସରରେ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଦେଶର ସାମ୍ପ୍ରତିକ ପରିସ୍ଥିତି ଉପରେ ଏକ ଆଲୋଚନା ସଭା ଉତ୍କଳ ଖଦୀ ମଣ୍ଡଳ ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ବରିଷ୍ଠ ଆଡ଼ଭୋକେଟ ବୈଷ୍ଣବ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଆଖି ଆଗରେ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଗାନ୍ଧୀଙ୍କର ଅସହଯୋଗ ଅହିଂସା ଆନ୍ଦୋଳନକୁ ଦେଶର ବର୍ତମାନ ସ୍ଥିତିରେ ନିତାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସେତେବେଳେ ବିରାଟ ବ୍ରିଟିଶ ବାହିନୀ ବିନା ଅସ୍ତ୍ରରେ ଆମ ଦେଶରୁ ବିତାଡ଼ିତ କରିଥିଲେ। ତାଙ୍କର ଅସ୍ତ୍ର ଥିଲା ବିଦେଶୀ ଦ୍ରବ୍ୟ ବର୍ଜନ କରି ସ୍ୱଦେଶୀ କାରିଗରୀରେ ଦ୍ରବ୍ୟ ବ୍ୟବହାର କରିବା। ସେଥିପାଇଁ ସେ ଲୋକମାନଙ୍କୁ ହାତ ତିଆରି ଅରଟରେ ସୂତା କାଟି ଲୁଗା ବୁଣି ପିନ୍ଧିବାକୁ କହୁଥିଲେ। ବ୍ରିଟିଶ ମାନଙ୍କୁ ପରାସ୍ତ କରିବାକୁ ଗାନ୍ଧୀଙ୍କର ମୁଖ୍ୟ ଅସ୍ତ୍ର ଥିଲା ଅରଟ। ସେହିପରି ଖଦୀ ଗ୍ରାମାଂଚଳ ଉଦ୍ୟୋଗର ପ୍ରାକ୍ତନ ନିର୍ଦ୍ଦେଶକ ମୁଖ୍ୟ ବକ୍ତା କ୍ଷୀରୋଦ ରଞ୍ଜନ ସାହୁ ମଧ୍ୟ ସାମ୍ପ୍ରତିକ ପରିସ୍ଥିତି ପାଇଁ ଗଭୀର ପଂଚଭୂତ ପ୍ରଦୂଷିତ ହୋଇଛି। ଏହାକୁ ପ୍ରଦୂଷଣମୁକ୍ତ କରିବା ନିତାନ୍ତ ଜରୁରୀ ଅଟେ। ପରିବର୍ତ୍ତନର ସମ୍ପାଦକ ଆଡ଼ଭୋକେଟ ରମାକାନ୍ତ ପରିଜା ଜୟପ୍ରକାଶଙ୍କ ଆତ୍ମ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଆମେ ବର୍ତମାନ ପରିସ୍ଥିତିରେ ପୂର୍ବପୁରୁଷ କଥାକୁ ମାନି ଚଳିଲେ ରାମରାଜ୍ୟ ଫେରି ଆସିବ। ଶେଷରେ ପ୍ରଭାସ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଦୀ ମଣ୍ଡଳର ସମ୍ପାଦକ ଧ୍ରୁବଚରଣ ଲେଙ୍କା, ବିରଂଚି ନାରାୟଣ ଗାଆଣ, ଶରତ ଚନ୍ଦ୍ର ମୁଦ୍ରା, ରଞ୍ଜନ କୁମାର ନାୟକ, ଶାନ୍ତିଲତା ଲେଙ୍କା, ବିଦ୍ୟାଧର ନାୟକ ଓ ବିଶୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି। କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ। ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ। କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ। ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା। ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ। ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି। ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି।

# ଜୟପୁର ଏୟାରପୋର୍ଟରେ ସମୀକ୍ଷା କରି ଫେରିଲେ ଡିଜିସିଏ ଟିମ୍

ଜୟପୁର, (ପି.ଏନ): ଜୟପୁର ଏୟାରପୋର୍ଟରେ ଡିଜିସିଏର ତିନି ଜଣିଆ ଟିମ୍ ୨ଦିନ ଧରି ସମୀକ୍ଷା କରି ଫେରିଛନ୍ତି। ଗୁରୁବାର ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁର ରେ ପହଞ୍ଚିଥିଲେ ଏହି ଟିମ। ଡିଜିସିଏର ଡାଇରେକ୍ଟୋରେଟ ଜେନେରାଲ ଅଫ ସିଭିଲ ଏଭିଏସନର ର ଏହି ଟିମ ୨ ଦିନ ଜୟପୁର ଏୟାର ପୋର୍ଟର ସମସ୍ତ ଭିତ୍ତି ଭୂମି ଯାଞ୍ଚ କରିଛି। ଏହି ଟିମରେ ଡିଜିସିଏର ହେଡ କ୍ୱାର୍ଟର ଉପନିର୍ଦ୍ଦେଶକ ମନୋଜ କୁମାର ଗର୍ଗ, ଇଷ୍ଟର୍ଣ୍ଣ ରିଜିଅନ ଉପନିର୍ଦ୍ଦେଶକ ମନୀଷ ଠାକୁର ଏବଂ ଧୁଷାର କୁମାର ମଣ୍ଡଳ ରହିଛନ୍ତି। ଯାହା ଡିଫେକ୍ଟ ଅଛି ତାହା ତୁରନ୍ତ ସୁଧାର ଆଣିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇ ଫେରିଛନ୍ତି। ଜୟପୁର ଏୟାର ପୋର୍ଟରେ ଘନ ଘନ ସମୀକ୍ଷା ହୋଇଛି। ହେଲେ ଏଯାଏଁ ଜୟପୁର ରେ ବିମାନ ଉଡିବା ନେଇ ଆଶା ଓ ଆଶଙ୍କା ଦେଖାଯାଇଛି। ସମୀକ୍ଷା ସମୟରେ କୋରାପୁଟ ଜିଲ୍ଲାପାଳ ମହମ୍ମଦ ଅବଦୁଲ ଆକ୍ତର ମଧ୍ୟ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧର ଅବିଭକ୍ତ କୋରାପୁଟ ଜିଲା ସହ ଜୟପୁର ସହର ବାସୀ ବିମାନ ସେବା କୁ ଅପେକ୍ଷା କରି ବସିଛନ୍ତି। ପୂର୍ବରୁ ୪ ଥର ଉଭୟ ରାଜ୍ୟ ଓ କେନ୍ଦ୍ର ଟିମ୍ ଏୟାର ପୋର୍ଟର ଭିତ୍ତି ଭୂମିକୁ ସମୀକ୍ଷା କରିଛନ୍ତି। ଗୁରୁବାର ପୁଣି ପଞ୍ଚମ ଥର ପାଇ କେନ୍ଦ୍ର ୩ ଜଣିଆ ଡିଜିସିଏ ଟିମ ପହଞ୍ଚି ଜୟପୁର ବିମାନ ବନ୍ଦରରେ ସମିକ୍ଷା କରି ଫେରିଛନ୍ତି। ଏହି ଟିମ ଗଣମାଧ୍ୟମ ଆଗରେ କୌଣସି ପ୍ରତିକ୍ରିୟା ରଖିନଥିଲେ। ୨ ଦିନ ଧରି ବିମାନ ବନ୍ଦର ଅଗ୍ନି ନିରାପତ୍ତା, ସୁରକ୍ଷା, ଆଲୋକିକରଣ, ଜଳ ଯୋଗାଣ ଭଳି ଭିତ୍ତି ଭୂମିର ଯାଞ୍ଚ କରିଛି ଟିମ। କେନ୍ଦ୍ରୀୟ ଟିମ ଭିତ୍ତି ଭୂମିକୁ ନେଇ ଖୁସି ଥିବା ନେଇ ସଚଚନା ଦେଇଛନ୍ତି ରାସ୍ତା ଓ ଗୃହ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ। ଅତି ଶିଘ୍ର ଜୟପୁର ବିମାନ ବନ୍ଦରରେ ଉଡାନ ସେବା ଆରମ୍ଭ ହେବ ଓ ଲାଇସେନ୍ସକୁ ଅପେକ୍ଷା କରାଯାଇଛି ବୋଲି ସୂଚନା ଦିଆଯାଇଛି। ଜୟପୁର ଏୟାର ପୋର୍ଟ ରେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ, ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଏସଡିପିଓ ଅରୁପ ଅଭିଷେକ ବେହେରା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା ପ୍ରମୁଖ ଉପସ୍ଥିତ ଥିଲେ। ବାଉଣ୍ଡି ଠାରୁ ଆରମ୍ଭ କରି ସମସ୍ତ ଭିତ୍ତି ଭୂମି ଯାଞ୍ଚ କରିଥିଲେ। ଇଣ୍ଡିଆ ୱାନ ଏୟାର ଜୟପୁର ଠାରୁ ବିମାନ ଚଳାଇବା ପାଇ ଉଡାନ ଯୋଜନାରେ ସିଲେକ୍ଟ ହୋଇସାରିଛି। ସେ ମାନଙ୍କର ବୁକିଂ କାଉଣ୍ଟର ଆଦି ହୋଇ ସାରିଲାଣି। ଜୟପୁର ଏୟାରପୋର୍ଟର ସମିକ୍ଷା କରିବା ପରେ ଡିଜିସିଏ ଲାଇସେନ୍ସ ଦେଲେ ଏଠାରୁ ବ୍ୟବସାୟିକ ବମାନ ଉଡି। ଭୁବନେଶ୍ୱର-ଜୟପୁର- ବିଶାଖାପାଟଣା, ଓ ବିଶାପାପାଟଣା-ଜୟପୁର- ଭୁବନେଶ୍ୱର ପ୍ରଥମ ପର୍ଯ୍ୟାୟରେ ଉଡିବ। ୯ ସିଟ ବିଶିଷ୍ଟ ବିମାନ ପ୍ରଥମେ ଉଡିବ। ପରବର୍ତୀ ସମୟରେ ବଡ ବିମାନ ଉଡିବା ନେଇ ସୂଚନା ଦେଇଛନ୍ତି। ୯ ସିଟ ବିଶିଷ୍ଟ ବିମାନ ଉଡାଣ ପୂର୍ବରୁ ଭିତ୍ତି ଭୂମି ନେଇ ଜିଲା ପ୍ରଶାସନ ସମୀକ୍ଷା କରିଛନ୍ତି। ଏୟାରପୋର୍ଟରେ ଏହି ଟିମର ନେଓ, ସିସିଟିଭି, ଏଟିସି ଟାଓାର, ଏଚଏଚଏମଡି, ଡିଏଫଏମଡି, ଏକ୍ସରେ ବେଗ ମେସିନ, କାର ପାର୍କିଂ, ଯାତ୍ରୀ ପ୍ରବେଶ ଓ ପ୍ରସ୍ଥାନ ପଥ, ବାଉଣ୍ଡ୍ରି ୱାଲ ସହ ପେରିମିଟର ରୋଡ, ଲାଇଟ, ଟ୍ରାଫିକ କଣ୍ଟ୍ରୋଲ, ଗେଟ ଆଦି ସମୀକ୍ଷା କରିଥିଲେ।

# ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଗୁଳିମାଡ ଘଟଣା : ମୁଖ୍ୟ ଅଭିଯୁକ୍ତ ରାଇପୁରରୁ ଗିରଫ

ବଲାଙ୍ଗିର, (ପି.ଏନ): ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକ ଅନ୍ତର୍ଗତ ବାଗଦୋର ପଚାଂୟତ ସମିତି ସଭ୍ୟା ବନିତା ବିଶ୍ୱାଳଙ୍କ ସ୍ୱାମୀ ଲୋକନାଥ ବିଶ୍ୱାଳଙ୍କୁ ଗୁଳିମାଡ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୮ ତାରିଖ ଦିନ ସନ୍ଧ୍ୟାରେ ବନମାଲ ଗାଁର ଲୋକନାଥ ବିଶ୍ୱାଳ ନିଜ ଘର ବାରଣ୍ଡାରେ ବସିଥିଲେ ଏବଂ ତାଙ୍କ ସ୍ତ୍ରୀ ବନିତା ବିଶ୍ୱାଳ ମଧ୍ୟ ପାଖରେ ଥିଲେ। ଏହି ସମୟରେ ତିନି ଜଣ ବ୍ୟକ୍ତି ତାଙ୍କ ପାଖକୁ ଆସି ଗୁଳିଚାଳନା କରିଥିଲେ। ଗୁଳି ଶବ୍ଦ ଶୁଣି ବନିତା ଚିତ୍କାର କରି ଉଠିଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ମାନେ ଦୁର୍ବୃତ ମାନଙ୍କୁ ପିଛା କରିଥିଲେ ଏପଟେ ବାଇକ୍ ଯୋଗେ ସେମାନେ ଲାଠୋର ଆଡ଼କୁ ପଳାୟନ କରିଥିଲେ। ସେପଟରୁ ଲାଠୋର ପୋଲିସ ଆସି ଦୁଇ ଜଣଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଗୁଳି ବାଜିଲା ପରେ ଲୋକନାଥଙ୍କୁ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଆଣି ପୋଲିସ ତଦନ୍ତ କରି ଆହୁରି ଚାରି ଜଣଙ୍କୁ ୩୦ ତାରିଖ ଦିନ ଗିରଫ କରି କୋର୍ଟଚାଲାଣ କରିଥିଲେ। ଯିଏ ଗୁଳି କରିଥିଲା ସେ ଫେରାର ଥିବାବେଳେ ଏବେ ତାକୁ ଛତିଶଗଡ଼ ରାଇପୁରରୁ ଗିରଫ କରି କୋର୍ଟଚାଲାଣ କରିଥିବା ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତା ସୂଚନା ଦେଇଛନ୍ତି।

### ଦୁର୍ବଳ ନଦୀ ବନ୍ଧକୁ ନେଇ ନଦୀ କୂଳିଆବାସୀ ଆତଙ୍କିତ

ଧର୍ମଶାଳା, (ପି.ଏନ): ମୌସୁମୀ ପ୍ରବାହରେ ଲଗାଣ ବର୍ଷା ଜାରି ରହିଛି। ଫଳରେ ଅନେକ ସ୍ଥାନରେ ବର୍ଷା ଜଳ ଜମି ରହିବା ସହିତ ବିଭିନ୍ନ ନଦୀରେ ବନ୍ୟା ଜଳ ପ୍ରଭାବିତ ହୋଇଛି। ତେବେ ଏହି ବର୍ଷା ପାଣିରେ ନଦୀ ବନ୍ଧ ଦୁର୍ବଳ ହୋଇଗଲାଣି। ହେଲେ ପ୍ରଶାସନର ନଜର ନ ପଡିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକ ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ କ୍ଷେତ୍ରରେ। ବର୍ଷା ଆସିବା ପୂର୍ବରୁ ବିଭାଗୀୟ କର୍ତୃପକ୍ଷଙ୍କ ତରଫରୁ ରେନକର୍ଟ କରାଯିବା କଥା। ବର୍ଷା ଋତୁ ସରିବାକୁ ବସିଲାଣି ହେଲେ ନଦୀ ବନ୍ଧ ମରାମତି ହୋଇ ପାରିଲା ନାହିଁ। ଯାହାକୁ ନେଇ ଏବେ ନଦୀ କୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ବ୍ଲକ ଅନ୍ତର୍ଗତ ଦେଓଦା ପଂଚାୟତ ସେରପୁର ଠାରୁ କୁଣ୍ଡପାଟଣା ପର୍ଯ୍ୟନ୍ତ ନଦୀ ବନ୍ଧ ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ବହୁ ସ୍ଥାନରେ ଘାଇ ସୃଷ୍ଟି ହେବା ପରିସ୍ଥିତି ନେଇ ଆଶଙ୍କା ଦେଖାଦେଇଛି। ବନ୍ଧରୁ ମାଟି ଅତଡା ଧସି ଗଲାଣି। ବଡବଡ ଗର୍ତ ସୃଷ୍ଟି ହେବା ଫଳରେ ଏହି ରାସ୍ତା ଦେଇ ବାଇକ ଚାଳକମାନେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ସନ୍ଧ୍ୟାରେ ପଥଚାରୀମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ରସୁଲପୁର ବ୍ଲକ ମହେଶକବରପୁର ପଂଚାୟତ ଓ ବ୍ରହ୍ମବରଦା ପଂଚାୟତର ଅନେକ ସ୍ଥାନରେ ନଦୀ ବନ୍ଧ ଧୋଇ ଗଲାଣି। ଘାଇ ମରାମତି ସ୍ଥାନରେ ଠିକାଦାର ଅଧପନ୍ତରିଆ କାମ ସାରି ବସିଛି। ଫଳରେ ଘାଇ ସ୍ଥାନ ଦୁର୍ବଳ ଅବସ୍ଥାରେ ରହିଛି।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# କେବେ ସରିବ ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ !



ଧର୍ମଶାଳା,(ପିଏନ): ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଠାରୁ ଭଦ୍ରକ ପର୍ଯ୍ୟନ୍ତ ଦୀର୍ଘ ୪ ବର୍ଷ ହେଲା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । କାର୍ଯ୍ୟଶେଷ ଅବଧି ସରିଯାଇଥିଲେ ହେଁ ରାସ୍ତା କାର୍ଯ୍ୟ ଶେଷ ହୋଇପାରି ନାହିଁ। ଏହି ସମ୍ପ୍ରସାରଣ କାର୍ଯ୍ୟକୁ ବାହାର ରାଜ୍ୟର ଡିବିଏଲ ନାମକ ଏକ ଠିକା ସଂସ୍ଥାକୁ ଦିଆଯାଇଛି। ଏହି ଠିକା ସଂସ୍ଥା ଦ୍ୱାରା ୨୦୧୮ ରୁ ଏଠାରେ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ୪ ବର୍ଷ ମଧ୍ୟରେ ଏହି କାମ ସାରିବାକୁ ଠିକାସଂସ୍ଥା ଜାତୀୟ ରାଜପଥ ପ୍ରାଧିକରଣ ସହିତ ଚୁକ୍ତି କରିଥିଲା । ହେଲେ ଦାୟିତ୍ୱରେ ଥିବା ଏହି ଠିକାସଂସ୍ଥା ନିଜ ମନମାନିରେ କାମ କରୁଥିବାରୁ ଧାର୍ଯ୍ୟ ସମୟ ମଧ୍ୟରେ କାମ ଶେଷ କରିପାରିନାହିଁ। ୨୦୨୨ ମେ ମାସ ଏହି ଠିକାସଂସ୍ଥାର ଅବଧି ଶେଷ ହେବାର ସମୟ ରହିଥିଲା । ହେଲେ ଠିକାସଂସ୍ଥାର କର୍ତ୍ତୃପକ୍ଷଙ୍କ ଦାୟିତ୍ୱହିନତା ଯୋଗୁ କାମ ଆଗେଇପାରୁ ନାହିଁ । ବିଶେଷ କରି ଧର୍ମଶାଳା ବ୍ଲକ ଜାରକା ଠାରେ ଦୀର୍ଘ ୩ ବର୍ଷ ହେଲା ଏକ ଫ୍ଲାଇଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ପ୍ରତ୍ୟେହ ସହ ସହ ସଂଖ୍ୟାରେ ଗାଡି ବାଇପାସ ରାସ୍ତା ଦେଇ ଯାତାୟତ କରୁଛି। ଫଳରେ ଲେକେ ରାସ୍ତା ପାର ହେବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ମାନ ଘଟି ଧନଜୀବନ ନଷ୍ଟ ହେଉଛି। ଓଭର ବ୍ରିଜ କାର୍ଯ୍ୟ ଶେଷ ହୋଇଯାଇଥିଲା ବେଳେ ବ୍ରିଜକୁ ସଂଯୋଗିକରଣ ରାସ୍ତା କାମ ମନ୍ଥର ଗତିରେ ଚାଲୁତରବାରୁ ଏହାର ସମାପ୍ତି ନେଇ ପ୍ରଶ୍ନବାଚୀ ଦେଖାଦେଇଛି। ଅନ୍ୟ ପଟେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଏଭଳି ଅବସ୍ଥା ଉପୁଜୁଥିବା ସାଧାରଣରେ ଅଭିଯୋଗ ହୋଇଛି । ଯଥାଶିଘ୍ର କାମ ଶେଷ କରିବାକୁ ସାଧାରଣରେ ଦାବି ହୋଇଛି ।

## ଅନିମେଶ ଶୁଦ୍ଧାନନ୍ଦ ବିଦ୍ୟାଳୟ ଟପର

ଫୁଲନଖରା,(ପିଏନ):ଦଶମ ଶ୍ରେଣୀ ପରୀକ୍ଷାରେ ଅନିମେଶ ଶୁଭଦର୍ଶୀ ଶୁଦ୍ଧାନନ୍ଦ ବିଦ୍ୟାଳୟର ଟପର ହୋଇଛନ୍ତି। ସେ ୯୬ ପ୍ରତିଶତରୁ ଅଧିକ ନମ୍ବର ରଖି ଏହି କୃତୀତ୍ୱ ହାସଲ କରିଛନ୍ତି। ସେହିପରି ବିଦ୍ୟାଳୟର ଅନିନ୍ଦିତା ଦାଶ (%୯୪.୮୦) ଓ ଆଦ୍ୟାଶା ମିଶ୍ର (%୯୪.୬୦) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏହି ସଫଳତା ପାଇଁ ଅଧକ୍ଷଙ୍କ ସହିତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଚଳିତ ଦଶମ ପରୀକ୍ଷାରେ ବିଦ୍ୟାଳୟର ପାସ ହାର ଶତ ପ୍ରତିଶତ ହୋଇଥିଲାବେଳେ ସେମାନଙ୍କ ମଧ୍ୟରେ ୭ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଖୁସୀର ଲହରୀ ଖେଳିଯାଇଛି।

## ସୁ ନେତ୍ର ଯୋଜନାରେ ବୁଣାକାରଙ୍କୁ ଚଷମା ବଂଟନ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ବୟନ ମଣ୍ଡଳ ଅନ୍ତର୍ଗତ ଗୋଳବାଇ ଭଗବତୀ ତନ୍ତୁ ସମବାୟ ସମିତିର ସହଯୋଗରେ ଜଙ୍କିଆ ଠାରେ ହସ୍ତ ତନ୍ତ କ୍ଷେତ୍ରରେ ନିୟୋଜିତ ବୁଣାକାର ପରିବାରକୁ ସୁନେତ୍ର ଯୋଜନାରେ ଚଷମା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଖୋର୍ଦ୍ଧା କାର୍ଯ୍ୟାଳୟର ସହକାରୀ ବୟନଶିଳ୍ପ ନିର୍ଦ୍ଦେଶାଳୟ ଅଧିକାରୀ ସୁରେଶ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶିବିରକୁ ଉଦଘାଟନ କରିଥିଲେ । ଏ ନେଇ ପୂର୍ବ ନିର୍ଦ୍ଧାରିତ ଅନୁଯାଇ ଚକ୍ଷୁ ପରୀକ୍ଷା ସ୍ୱାସ୍ଥ୍ୟ ଶିବିର କରାଯାଇ ଚିହ୍ନଟ ହୋଇଥିବା ୭୧ ଜଣ ହିତାଧିକାରୀଙ୍କୁ ଚଷମା ବଂଟନ କରାଯାଇଥିଲା ।ଏଥିରେ ଗୋଳବାଇ, କାୟା, ଗୁଣ୍ଠୁଣୀ, ଓଳସିଂହ, ରତାମାଟି, ବୋଡଙ୍ଗରା-ପାଟଣା, କଳାମାଟି, ସାମନ୍ତରାପୁର, ଦିବ୍ୟସିଂହପୁର, ପାଣିଛତ୍ର, ଲହଙ୍ଗା ଓ ମଳିପଡା ଅଂଚଳର ବୁଣାକାର ମାନେ ଯୋଗ ଦେଇଥିଲେ ।ଏହି ଶିବିରକୁ ତନ୍ତୁ ସମବାୟ ସମିତିର ସଦସ୍ୟ ଓ ହସ୍ତ ତନ୍ତ ବିଭାଗର କର୍ମଚାରୀ ମାନେ ପରିଚାଳନା କରିଥିଲେ ।

## ପତିତପାବନ ହାଇସ୍କୁଲରେ ଚାରା ରୋପଣ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ସ୍ଥିତ ପତିତପାବନ ନୋଡାଲ ହାଇସ୍କୁଲ ପରିସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ୟମାନ ପକ୍ଷରୁ ଆଜି ଫଳ, ଫୁଲ ଓ ଔଷଧୀୟ ଚାରା ରୋପଣ କରାଯାଇଛି । ଏହି ଅବସରରେ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଛର ଉପକାରୀତା ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଏକ ସଭାର ଆୟୋଜନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ସମାଜସେବୀ କାହ୍ନି ଚରଣ ଦାଶ, ପ୍ରାକ୍ତନ ପ୍ରଧ୍ୟାପକ ରାଧାଶ୍ୟାମ ସାହୁ, ଆଇନଜୀବୀ ସବିତା ମିଶ୍ର,ଆଇନଜୀବୀ ନଳିନିକାନ୍ତ ମିଶ୍ର, ଅକ୍ଷୟ କୁମାର ଦାସ, ସୁଜିତ କୁମାର ସିଂ ଅତିଥି ଭାବେ ଯୋଗଦେଇ ଜଳବାୟୁ ସନ୍ତୁଳନରେ ବୃକ୍ଷର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଡ. କୈବଲ୍ୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜ୍ଞାନରନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

## ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ବିୟୋଗରେ ସ୍ମୃତି ଚାରଣ ସଭା

ଚଣ୍ଡିଖୋଲ,(ପିଏନ): ଚଣ୍ଡିଖୋଲ ସନ୍ନିକଟ କ୍ଷେତ୍ରପାଳ ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସିଦ୍ଧେଶ୍ୱର ପଣ୍ଡାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ତିକ ଚନ୍ଦ୍ର ପଣ୍ଡା, ବ୍ରଜେଶ୍ୱର ପଣ୍ଡା, ବୈକୁଣ୍ଠେଶ୍ୱର ପଣ୍ଡା, ଗୋଲଖ ଚନ୍ଦ୍ର ତ୍ରିପାଠି, ଭରତ ଚନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ସାହୁ, ଇଶ୍ୱର ଚନ୍ଦ୍ର ସାମଲ, ବାଞ୍ଛାନିଧି ସ୍ୱାଇଁ, ଧନେଶ୍ୱର ମହାପାତ୍ର, ରବିନାରାୟଣ ପଣ୍ଡା, ଅରୁଣ କୁମାର ପଣ୍ଡା, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡା ରାଉରକେଲା ଇଂଜିନିୟରିଂ କଲେଜର ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବରେ ନିଜର ଦକ୍ଷତା, ସମୟାନୁବର୍ତ୍ତିତ, କର୍ତବ୍ୟନିଷ୍ଠାର ପ୍ରଶଂସା କରିବା ସହିତ ଜଣେ ବନ୍ଧୁ ବତ୍ସଳ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବରେ ସମଗ୍ର ବଡଚଣା ଅଂଚଳରେ ପରିଚିତ ଥିଲେ।

## ଡିୟୁ ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା, ଦଶମରେ ମନିଷ, ଦ୍ୱାଦଶରେ ଅଙ୍କିତା ସ୍କୁଲ ଟପର

ଚଣ୍ଡିଖୋଲ ,(ପିଏନ):କେନ୍ଦ୍ରୀୟ ମାଧମିକ ଶିକ୍ଷା ପରିଷଦ(ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରିକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଚଣ୍ଡଖୋଲ ସ୍ଥିତ ଡିୟୁ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦ୍ୱାଦଶରେ ମୋଟ ୭୭ଜଣ ପିଲାଙ୍କ ମଧ୍ୟରୁ ଅଙ୍କିତା ଚୌଧୁରୀ ୯୨% ନମ୍ବର ରଖି ସ୍କୁଲ ଟପର ହୋଇଥିଲାବେଳେ ମୋନାଲିସା ମିଶ୍ର, ଅନିଶା ପଣ୍ଡା, ଚିନ୍ମୟ କୁମାର ବେହେରା ୯୦%ରୁ ଅଧିକ ନମ୍ବର ରଖି ପାଶ କରିଥିବାବେଳେ ଅବସିଷ୍ଟ ଛାତ୍ରଛାତ୍ରୀମାନେ ପ୍ରଥମ ଶ୍ରେଣୀରେ ଉତିର୍ନ୍ନ ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ୩୪ ଜଣ ପିଲାଙ୍କ ମଧ୍ୟରୁ ମନୀଷ ପଣ୍ଡା ୯୪% ନମ୍ବର ରଖି ସ୍କୁଲ ଟପର ହୋଇଥିଲାବେଳେ ସ୍ୱାହା ବିଶ୍ୱାଳ, ଆଦିତ୍ୟ କୁମାର ମଲ୍ଲିକ, ସତ୍ୟବ୍ରତ ମହାନ୍ତି, ସନିଆ ପରବିନ୍, କ୍ରାନ୍ତୀଜିତ ମହାରଣା ୯୦% ରୁ ରଖି କୃତକାର୍ଯ୍ୟ ହୋଇଥିଲାବେଳେ ଅବସିଷ୍ଟ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତିର୍ନ୍ନ ହୋଇଛନ୍ତି । ଡିୟୁ ପବ୍ଲିକ ସ୍କୁଲର ଫଳାଫଳ ଶତପ୍ରତିଶତ ହୋଇଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ସ୍କୁଲର ନିର୍ଦ୍ଦେଶକ ଇଂ ଧନେଶ୍ୱର ମହାପାତ୍ର, ଡଃ ବିଶ୍ୱଜିତ ମହାପାତ୍ର, ଅଧକ୍ଷା ସୁଜାତା ମହାପାତ୍ର ପ୍ରମୁଖ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଶ୍ୟତ କାମନା କରିଛନ୍ତି

## କାହ୍ନୁ ଲେଙ୍କାଙ୍କ ୮୪ତମ ଜୟନ୍ତୀ ପାଳିତ

ଫୁଲନଖରା,(ପିଏନ):ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ୮୪ ତମ ଜନ୍ମୋତ୍ସବ ଲକ୍ଷେଶ୍ୱରସ୍ଥ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଛି। ସାମାଜିକ ସଂଗଠନ ସହଯୋଗ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣେଶପ୍ରସାଦ ଦାଶ, ତ୍ରିନାଥ ମହାପାତ୍ର, ଲଳିତକୁମାର ଦାଶ ପ୍ରମୁଖ ଯୋଗଦେଇ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ।

## ଭରତପୁର ପ୍ରାଥମିକ କୃଷି ସମବାୟ ସମିତି ଉପସଭାପତି ଭାବେ ମମତା ଜେନା ନିର୍ବାଚିତ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ଉପସଭାପତି ଭାବେ ମମତା ଜେନା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସମିତିର ଉପସଭାପତି ପଦ ନିମନ୍ତେ ଶ୍ରୀମତୀ ଜେନା ଏକମାତ୍ର ପ୍ରାର୍ଥୀନୀ ଭାବେ ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ କୌଣସି ପ୍ରାର୍ଥୀ ଉପସଭାପତି ପଦ ନିମନ୍ତେ ନାମାଙ୍କନ ଦାଖଲ କରିନଥିବାରୁ ନିର୍ବାଚନ ଅଧିକାରୀ ମମତା ଜେନାଙ୍କୁ ଉପସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ସମିତି ସଭାପତି ବସନ୍ତ କୁମାର ରାଉତ ନିର୍ଦ୍ଦେଶକ ଅଗସ୍ତି ସେଣ, ପ୍ରସନ୍ନ ମଲିକ, ସନ୍ତୋଷ କୁମାର ଦାସଙ୍କ ସମେତ ସମିତିର ସମ୍ପାଦକ ସୁବୋଧ କୁମାର ଲେଙ୍କା, କର୍ମଚାରୀ ଜଗନ୍ନାଥ ସେଣ, ଶାରଦା ପ୍ରସନ୍ନ ରାଉତ, ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପରମାନନ୍ଦ ମହାବିଦ୍ୟାଳୟ ଏନସିସି ପକ୍ଷରୁ କାର୍ଗିଲ ବିଜୟ ଉତ୍ସବ

ଖୋର୍ଦ୍ଧା, (ପିଏନ):ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ଏନସିସି ଉଇଙ୍ଗ ପକ୍ଷରୁ ଶନିବାର ଦିନ ପୂର୍ବାହ୍ନରେ କାରଗିଲ ବିଜୟ ଉତ୍ସବ ପାଳନ ଅବସରରେ ସୌର୍ଯ୍ୟ ଦିବସ କାର୍ଯ୍ୟକ୍ରମ ପୁରୀ ସ୍ଥିତ ଏନସିସି ଷଷ୍ଠ ବାଟାଲିୟନର ସିଇଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ହୋଇଥିଲା । ଏ ନେଇ ବୋଲଗଡ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଶାଲ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ ।ଏନସିସି ଅଧିକାରୀ ଅଧ୍ୟାପକ ଡଃ ରଞ୍ଜନ କୁମାର ଦାଶଙ୍କ ନେତୃତ୍ୱରେ କ୍ୟାଡେଟ ମାନେ ମହାବିଦ୍ୟାଳୟ ସମ୍ମୁଖରେ ଏକତ୍ରୀତ ହେବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ କାରଗିଲ ଯୁଦ୍ଧରେ ସହିଦ ଯବାନ ମାନେ ସଫଳତାର ସହିତ ଅପୂର୍ବ ତ୍ୟାଗ ଓ ସମର୍ପଣ ମନୋଭାବ ଯୋଗୁଁ ସମ୍ଭବ ହୋଇ ପାରିଛି ବୋଲି ମତବ୍ୟକ୍ତ କରିଥିଲେ ।ପରେ କ୍ୟାଡେଟ ମାନେ ବିଭିନ୍ନ ରାଷ୍ଟ୍ରୀୟ ସଚେତନତା ଧର୍ମୀ ପ୍ଲା କାର୍ଡ ଧରି ସ୍ଲୋଗାନ ଦେବା ସହ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଉଦ୍ୟାନ ପରିସରରେ ନିର୍ମିତ ସହିଦ ସ୍ମୃତି ସ୍ତମ୍ଭ ନିକଟରେ ପହଂଚିଥିଲେ ।ଏଠାରେ ନିମନ୍ତ୍ରିତ ଅତିଥିମାନେ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିବା ସହ ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସହିଦମାନଙ୍କ ତ୍ୟାଗ କଦାପି ବିଫଳ ହେବାକୁ ଦିଆଯିବ ନାହିଁ ବୋଲି ମତ ପ୍ରକାଶ ଦେଇଥିଲେ । ଏଥିରେ କ୍ୟାଡେଟ ପୁଷ୍ପଶ୍ରୀ ପର୍ଶିମ କବାଟ,ହୃଦାନନ୍ଦ ମହାପାତ୍ର ଓ ଅଜୟ କୁମାର ଖଟେଇଙ୍କ ସହ ବହୁ କ୍ୟାଡେଟ ଅଂଶ ଗ୍ରହଣ କରିଥିଲେ ।ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ,ଅଧ୍ୟାପକ ଗାନ୍ଧୀ କୁମାର ସାହୁ,ଗଣେଶ ପଣ୍ଡା, ଡେମୋନୋଷ୍ଟ୍ରେଟର ବୈଦ୍ୟ ନାଥ ହୋତା ଓ ମୁଖ୍ୟ କିରାଣୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ କ୍ୟାଡେଟ ମାନଙ୍କୁ ଦେଶଭକ୍ତି ଓ ଦେଶପ୍ରୀତି ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଯତି ଓ କର୍ମଚାରୀ ମାୟାଧର ବରାଡ ପରିଚାଳନା କରିଥିଲେ । ଶେଷରେ ଏନସିସି ପ୍ରଥମ ବର୍ଷର କ୍ୟାଡେଟ ଅନନ୍ୟା ପ୍ରିୟ ଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray